ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଲା ଘର

# ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ପରିବାର

ପଦ୍ମପୁର, ୦୧/୦୮ (ଜେଏନ୍ଏସ୍) : ଦହିଗାଁ ପଞ୍ଚାୟତ ଅନ୍ତର୍ଗତ ବୁବୁଡ଼ା ଗ୍ରାମର ବନମାଳି ବୁଡେକ (ପିତା-ରାମ ବୁଡେକ) ଙ୍କ ବାସଗୃହ ପ୍ରବଳ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି । ଏହି ଦୁର୍ଘଟଣାରେ ଦୁଇଟି ସାଇକେଲ ଓ ଗୋଟିଏ ପାୱାର ରୁଟର୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଭୋର ସକାଳେ ଘଟିଥିବା ଏହି ଅଘଟଣ





ସମୟରେ ବନମାଳୀ ବିଲକୁ କାମ ପାଇଁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଓ ପିଲାମାନେ ନିତ୍ୟକର୍ମ ପାଇଁ ଘର ବାହାରେ ଥିଲେ । ଫଳରେ ଏକ ବଡ଼ ଅଘଟଣରୁ ସମଗ୍ର ପରିବାର ଅଳ୍ପକେ ବର୍ତ୍ତିଯାଇଥିଲେ । ଘର ଭାଙ୍ଗିଯିବା ପରେ ବନମାଳୀ ବୁଡ଼େକଙ୍କ ପରିବାର ଏବେ ଗୁରୁତର ସମସ୍ୟାରେ ପଡ଼ିଛନ୍ତି । ରହିବା ପାଇଁ ନିଜସ୍ୱ ଘର ନଥିବାରୁ ସେମାନେ ବର୍ତ୍ତମାନ ବଡ଼ ଭାଇଙ୍କ ଘରେ ଆଶ୍ରୟ ନେଇଥିବା ଜଣାପଡ଼ିଛି । ବନମାଳି ବୁଡ଼େକ ସରକାର ଓ ପ୍ରଶାସନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ସହ କ୍ଷତିପୂରଣ ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ନୀଳଗିରି, ୦୧/୦୮ (ଜେଏନ୍ଏସ୍) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ "କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମୌଳିକ ତତ୍ତ୍ୱ: ସିଦ୍ଧାନ୍ତ, ଗଣନା ପ୍ରଣାଳୀ ଓ ବ୍ୟବହାରିକ ପ୍ରଶିକ୍ଷଣ" ଶୀର୍ଷକ ପାଞ୍ଚଦିନିଆ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।

ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ଏବଂ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୨୭ରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ ।

କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ବିବେକାନନ୍ଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖା ସମ୍ପର୍କରେ ସୂଚନା ଦେଇଥିଲେ । ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ବୈଜ୍ଞାନିକ ଅଗ୍ରଗତି ସହ ତାଳ ମିଳାଇବା ପାଇଁ ଶିକ୍ଷକ ଓ ଗବେଷକମାନଙ୍କର ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଅଂଶଗ୍ରହଣକାରୀମାନଙ୍କୁ ଆଲୋଚନାଚକ୍ର ଓ ବ୍ୟବହାରିକ ପ୍ରଶିକ୍ଷଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସର୍ବାଧିକ ଉପକୃତ ହେବାକୁ ଆହ୍ୱାନ କରିଥିଲେ ।

ସଭାରେ ସଭାପତିତ୍ୱ କରି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, କ୍ୱାଣ୍ଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭବିଷ୍ୟତର ଗଣନା ପ୍ରଣାଳୀ, ଯୋଗାଯୋଗ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତ୍ତା ଏବଂ ଉନ୍ନତ ଗବେଷଣା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ଓଡ଼ିଶାର ମାନ୍ୟବର କୁଳାଧିପତିଙ୍କ ପରାମର୍ଶକ୍ରମେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଷୟବସ୍ତୁ ଚୟନ କରାଯାଇଥିବାବେଳେ ଶିକ୍ଷକ,




ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଆଧୁନିକ ବିଜ୍ଞାନର ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ପରିଚିତ କରାଇବା ଏହାର ମୂଳ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁରୂପ ଏଭଳି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭବିଷ୍ୟତର ବୈଜ୍ଞାନିକ ଚ୍ୟାଲେଞ୍ଜ ମୁକାବିଲା କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଗବେଷକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୪୦ ଜଣ ଅଂଶଗ୍ରହଣ କରୁଛନ୍ତି ।

ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏବଂ କଳିଙ୍ଗ ଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନର ବିଶିଷ୍ଟ ବୈଜ୍ଞାନିକ ଓ ଅଧ୍ୟାପକମାନେ ବିଶେଷଜ୍ଞ ତଥା ସାଧନ ବ୍ୟକ୍ତି ଭାବେ ଯୋଗଦେଇଛନ୍ତି ।

ସେମାନଙ୍କ ମଧ୍ୟରେ ପ୍ରଫେସର କାର୍ତ୍ତିକେଶ୍ୱର ସେନାପତି, ପ୍ରଫେସର ତପନ କୁମାର ମିଶ୍ର, ପ୍ରଫେସର ଅଶୋକ କୁମାର ମହାପାତ୍ର, ଡ଼କ୍ଟର ସୁଶାନ୍ତ କୁମାର ପାଲ, ଡ଼କ୍ଟର ସୁମନ ଚାନ୍ଦ, ଡ଼କ୍ଟର ରାକେଶ ମୋହନ ଦାସ, ଡ଼କ୍ଟର ଆଶିଷ କୁମାର ପତି, ଡ଼କ୍ଟର ସତ୍ୟଜିତ ମୁର୍ମୁ, ପ୍ରଫେସର ହିରଣ୍ମୟ ମିଶ୍ର ଓ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ରହିଛନ୍ତି ।

ପ୍ରଶିକ୍ଷଣରେ କ୍ୱାଣ୍ଟମ ବିଜ୍ଞାନ, କ୍ୱାଣ୍ଟମ ପ୍ରଯୁକ୍ତିବିଦ୍ୟା, କ୍ୱାଣ୍ଟମ ଆଲୋକ, କ୍ୱାଣ୍ଟମ ସଂଯୋଗ, କ୍ୱାଣ୍ଟମ ଗଣନା ପ୍ରଣାଳୀ, ଯନ୍ତ୍ର ଶିକ୍ଷଣର ପ୍ରୟୋଗ, କ୍ୱାଣ୍ଟମ ପରିପଥ, ଏକକ କଣିକା ଦ୍ୱାର, ପରିମାପ, କ୍ୱାଣ୍ଟମ ଅବସ୍ଥାର ଦୃଶ୍ୟାଙ୍କନ ଓ କ୍ୱାଣ୍ଟମ ଗଣନାର ଗାଣିତିକ ମୌଳିକତା ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ଓ ବ୍ୟବହାରିକ ପ୍ରଶିକ୍ଷଣ ଦିଆଯିବ ।

ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଅରୁଣ କୁମାର ନାୟକ ଉଦଘାଟନୀ ଅଧିବେଶନକୁ ପରିଚାଳନା କରିଥିଲେ ଓ

ସହ-ସଂଯୋଜକ ହିମାଂଶୁ ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦୀୟମାନ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଶିକ୍ଷାଦାନର ମାନୋନ୍ନତି, ଉନ୍ନତ ଗବେଷଣାକୁ ପ୍ରୋତ୍ସାହନ ଏବଂ ଶୈକ୍ଷିକ ଦକ୍ଷତା ବୃଦ୍ଧି ଦିଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରତିବଦ୍ଧତାର ଏହି କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ପଦକ୍ଷେପ ।

# 'ରି-ଭିଜିଟ୍ ମିଶନ୍ ଏଫ୍ଏମ୍ୟୁ-୨୦୨୬' ପ୍ରସ୍ତୁତିରେ ଅଂଶୀଦାରଙ୍କ ସହଭାଗିତା

ନୀଳଗିରି, ୦୧/୦୮ (ଜେଏନ୍ଏସ୍): ଅଂଶୀଦାରିତାମୂଳକ ପ୍ରଶାସନ ଓ ପ୍ରତିଷ୍ଠାନର ସାମଗ୍ରିକ ଉତ୍କର୍ଷକୁ ଦୃଷ୍ଟିରେ ରଖି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ତିନିଦିନିଆ 'ରି-ଭିଜିଟ୍ ମିଶନ୍ ଏଫ୍ଏମ୍ୟୁ-୨୦୨୬' ଅଂଶୀଦାର ବୈଠକର ଦ୍ୱିତୀୟ ଦିବସରେ ବିଭିନ୍ନ କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଛି ।




ବିଶ୍ୱବିଦ୍ୟାଳୟର ଭବିଷ୍ୟତ ବିକାଶର ରୂପରେଖା ପ୍ରସ୍ତୁତି ଉଦ୍ଦେଶ୍ୟରେ ଆୟୋଜିତ ଏହି ପରାମର୍ଶମୂଳକ ବୈଠକରେ ଶିକ୍ଷାବିତ୍, ଶିଳ୍ପ ଜଗତର ପ୍ରତିନିଧି, ପ୍ରାକ୍ତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଛାତ୍ର ସମୁଦାୟ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜ ନିଜ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ ।

ଜୁଲାଇ ୨୮ ତାରିଖରେ ଆରମ୍ଭ ହୋଇଥିବା ଏହି ପରାମର୍ଶ ପ୍ରକ୍ରିୟାରେ ଗବେଷକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଶିକ୍ଷାର ଗୁଣାତ୍ମକ ଉନ୍ନତି, ଗବେଷଣା ପରିବେଶ, ଛାତ୍ର କଲ୍ୟାଣ, ନବସୃଜନ ଓ କ୍ୟାମ୍ପସ ବିକାଶ ସମ୍ପର୍କରେ ଗଠନମୂଳକ ପ୍ରସ୍ତାବ ରଖିଥିଲେ ।

ଦ୍ୱିତୀୟ ଦିବସରେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୬୦ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ୫୭ ଜଣ ପ୍ରାକ୍ତନ ଛାତ୍ର/ଛାତ୍ରୀ, ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଅଭିଭାବକ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନେଇ ଚାରୋଟି ବିଷୟଭିତ୍ତିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଦିନର ଅନ୍ୟତମ ଆକର୍ଷଣ ଥିଲା ଶିଳ୍ପ ପ୍ରତିନିଧିମାନଙ୍କ ସହ ପରାମର୍ଶ ବୈଠକ । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ସ୍ୱାଗତ

### ଦ୍ୱିତୀୟ ଦିବସରେ ଶିଳ୍ପ, ଶିକ୍ଷା, ପ୍ରାକ୍ତନ ଛାତ୍ର, ଅଭିଭାବକ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ବ୍ୟାପକ ଆଲୋଚନା

ଭାଷଣ ଓ ବିଷୟ ଉପସ୍ଥାପନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା କହିଥିଲେ ଯେ, ପରିବର୍ତ୍ତନଶୀଳ ବୈଶ୍ୱିକ ଅର୍ଥନୀତିର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ପଦ ସୃଷ୍ଟି ପାଇଁ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସୁଦୃଢ଼ ସହଯୋଗ ଅତ୍ୟନ୍ତ ଆବଶ୍ୟକ ।

ଉତ୍ତର ଓଡ଼ିଶା ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ନୁସି), ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱରର ପ୍ରତିନିଧିମାନେ ନିଯୁକ୍ତିଯୋଗ୍ୟତା ବୃଦ୍ଧି, ନବସୃଜନର ପ୍ରୋତ୍ସାହନ, ନିୟମିତ ଶିଳ୍ପ-ଶିକ୍ଷା ପ୍ରତିଷ୍ଠାନ ସଂଳାପ, ଇଣ୍ଡଷ୍ଟ୍ରି ଆଡଭାଇଜରି ବୋର୍ଡ ଗଠନ, ଯୁଗ୍ମ ପ୍ରମାଣପତ୍ର ଓ ମୂଲ୍ୟଯୁକ୍ତ ପାଠ୍ୟକ୍ରମ, ଇର୍ଣ୍ଟର୍ନଶିପ୍, ଆପ୍ରେଣ୍ଟିସ୍‌ସିପ୍, ଲାଇଭ୍ ପ୍ରୋଜେକ୍ଟ, ପରିଚାଳନା ବିକାଶ କାର୍ଯ୍ୟକ୍ରମ, କାର୍ଯ୍ୟନିର୍ବାହୀ ଶିକ୍ଷା, ଗବେଷଣା, ପରାମର୍ଶ ଓ ନବସୃଜନ କ୍ଷେତ୍ରରେ ସହଯୋଗ ବୃଦ୍ଧି ସମ୍ପର୍କରେ ମୂଲ୍ୟବାନ ପ୍ରସ୍ତାବ ଦେଇଥିଲେ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସହ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କୁଳସଚିବ ଶ୍ରୀମତୀ କୁକୁମିନା ଦାସ 'ରି-ଭିଜିଟ୍ ମିଶନ୍ ଏଫ୍ଏମ୍ୟୁ-୨୦୨୬' ର ଦୃଷ୍ଟିକୋଣ, ଲକ୍ଷ୍ୟ ଓ କାର୍ଯ୍ୟନୀତି ଉପସ୍ଥାପନ କରିଥିଲେ । ପରେ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଓ ପ୍ରଫେସର ଅଶାନ୍ତ ରଞ୍ଜନ ରାଉତ ଶିକ୍ଷାର ଉତ୍କର୍ଷ, ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରୀ ରୂପାୟନ, ପରିଣାମଭିତ୍ତିକ ଶିକ୍ଷା, ନାକ୍ ମାନ୍ୟତା, ଛାତ୍ର ସଫଳତା, ଦକ୍ଷତା ବିକାଶ, ନିଯୁକ୍ତିଯୋଗ୍ୟତା, ଉଦ୍ୟୋଗିତା, ଡିଜିଟାଲ୍ ପ୍ରଶାସନ, ସ୍ୱୟମ୍ ମୁକ୍ତ ଅନଲାଇନ୍ ପାଠ୍ୟକ୍ରମ, ଅପାର୍, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍, ପରୀକ୍ଷା ସଂସ୍କାର, ଏନ୍.ଆଇ.ଆର୍.ଏଫ୍. ମାନ୍ୟତା ଏବଂ ବିଶ୍ୱବିଦ୍ୟାଳୟର ଉତ୍ତମ କାର୍ଯ୍ୟପଦ୍ଧତି ଉପରେ ଆଲୋକପାତ କରିଥିଲେ । ମୁକ୍ତ ଆଲୋଚନା ଅଧିବେଶନରେ ଅଧ୍ୟକ୍ଷମାନେ ଶିକ୍ଷାର ଗୁଣବତ୍ତା, ପ୍ରଶାସନିକ ଦକ୍ଷତା ଓ ପ୍ରତିଷ୍ଠାନର ସାମଗ୍ରିକ ଉନ୍ନତି ସମ୍ପର୍କରେ ନିଜର ମତାମତ ରଖିଥିଲେ ।

ନିଜ ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, 'ରି-ଭିଜିଟ୍ ମିଶନ୍ ଏଫ୍ଏମ୍ୟୁ-୨୦୨୬' କୁ ସମସ୍ତ ଅଂଶୀଦାରଙ୍କ ମତାମତ ଆଧାରିତ ଏକ ଦୂରଦର୍ଶୀ କାର୍ଯ୍ୟଯୋଜନା ଭାବେ ପ୍ରସ୍ତୁତ କରାଯିବ ।

ଗବେଷକ, ସ୍ନାତକୋତ୍ତର ଛାତ୍ର/ଛାତ୍ରୀ, ମହାବିଦ୍ୟାଳୟ ଅଧ୍ୟକ୍ଷ, ପ୍ରାକ୍ତନ ଛାତ୍ର, ଶିଳ୍ପପତି ଓ ଅଭିଭାବକଙ୍କ ପରାମର୍ଶକୁ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱର ସହ ବିଚାର କରାଯିବ, ଯାହା ଏକ ବିଶ୍ୱସ୍ତରୀୟ, ନବସୃଜନମୁଖୀ ଓ ଛାତ୍ରକେନ୍ଦ୍ରିକ ବିଶ୍ୱବିଦ୍ୟାଳୟ ଗଠନରେ ସହାୟକ ହେବ ।

ଦୁଇଦିନିଆ ପରାମର୍ଶ ବୈଠକ ଶେଷରେ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ଗବେଷଣା ଓ ନବସୃଜନର ପ୍ରୋତ୍ସାହନ, ଶିଳ୍ପ-ଶିକ୍ଷା ସହଯୋଗର ସୁଦୃଢ଼ୀକରଣ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷର ଶିଖରରେ ପହଞ୍ଚାଇବା ପାଇଁ ସମସ୍ତ ଅଂଶୀଦାର ସାମୂହିକ ସଂକଳ୍ପ ବ୍ୟକ୍ତ କରିଥିଲେ ।

## ପ୍ରିୟ ପାଠକ ସାନ୍ତାନୁଙ୍କ ଅକାଳ ବିୟୋଗ

ଭୁବନେଶ୍ୱର, ୦୧/୦୮ (ଜେଏନ୍ଏସ୍): ଇଂ. ସାନ୍ତାନୁ ଷଡ଼ଙ୍ଗୀ ୬୩ ବର୍ଷ ବୟସରେ ହୃଦ୍‌ଘାତରେ ପରପାରିକୁ ଚାଲିଯାଇଛନ୍ତି ।



ବିଶେଷକରି ସେ ଖବରକାଗଜର ଜଣେ ପ୍ରିୟ ପାଠକଭାବେ ପରିଚିତ । ୩୦ ତାରିଖ ସନ୍ଧ୍ୟାରେ ସ୍କୁଟର ଯୋଗେ ଯାଉଥିବା ବେଳେ ହୃଦ୍‌ଘାତ ହୋଇଥିଲା । ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ବିଶେଷକରି ପ୍ରତି ରବିବାର ସକାଳୁ ଖଟିରେ ଜନବାର୍ତ୍ତା ସାପ୍ତାହିକ ଖବରକାଗଜକୁ ଅପେକ୍ଷା କରିଥାନ୍ତି । ତାଙ୍କ ବିୟୋଗରେ ତାଙ୍କ ବନ୍ଧୁ ଓ ପରିବାର ବର୍ଗ ଗଭିର ଶୋକ ବ୍ୟକ୍ତ କରିଛନ୍ତି ।

# ରତ୍ନ ବେଦୀକୁ ଗଲେ ଶ୍ରୀ ଜୀଉ

ନୀଳଗିରି, ୦୧/୦୮ (ଜେଏନ୍ଏସ୍) : ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ୨ଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନରେ ଶ୍ରଦ୍ଧାଳୁ ରଥଟାଣି ବଡ଼ଦାଣ୍ଡ ଶଙ୍କରାଖୁଣ୍ଟା ପୋଖରୀ ପାର୍ଶ୍ୱରେ ପହଞ୍ଚାଇ ଥିଲେ । ଅଧା ବାଟରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ବିତାଇବା ପରେ ଶେଷଦିନ ତଥା ରବିବାର ଅପରାହ୍ନରେ ପୁଣି ଥରେ ବାହୁଡ଼ାଯାତ୍ରା ଆରମ୍ଭ ହୋଇଥିଲା । ବାହୁଡ଼ାଯାତ୍ରା ସେବାୟତ, ଭକ୍ତ, ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନି ଦେଇ ଢୋଲ, ମହୁରୀ, ଶଙ୍ଖ, ହୁଳହୁଳି ପକାଇ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ଶାନ୍ତି ଶୃଙ୍ଖଳା ଭିତରେ ପହଞ୍ଚିଥିଲା ଚତୁର୍ଦ୍ଧାମୂର୍ତ୍ତିଙ୍କର ରଥ । ଏହି ବାହୁଡାଯାତ୍ରାରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ସମେତ ବିଜେଡି ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସାଂସଦ ବ୍ୟକ୍ତିଗତ ସହାୟକ



ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାହୁଡାଯାତ୍ରାକୁ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା କରିଥିଲେ ଏବଂ ଡ.ପ୍ରଦୀପ୍ତ କୁମାର ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଧାରଣ ରେ ସହାୟତା କରିଥିଲେ । ଶେଷରେ ରୀତିନୀତି ଅନୁସାରେ ଲକ୍ଷ୍ମୀନାରାୟଣ ଭେଟ, ଅଧରପଣା, ବିଭିଷଣ ବନ୍ଦାପନା, ନିଳାଦ୍ରୀ ବିଜେ, ମା ଲକ୍ଷୀଙ୍କ ମାନଭଞ୍ଜନ, ରସୋଗଲା ଭୋଗ କରାଯାଇ ଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

## ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ

# ବାଟ ହୁଡ଼ିଛି ବିସ୍ଥାପନ

ଅନୁଗୁଳ,୦୧/୦୮ (ବିଜୟ କୁମାର ସ୍ୱାଇଁ) : ବିସ୍ଥାପନ ପରେ ପୁନଶ୍ଚ ପ୍ରତ୍ୟାବର୍ତ୍ତନ । ଅଭୟାରଣ୍ୟରେ ବିସ୍ଥାପିତଙ୍କ ଗହଳି ଲାଗିଲାଣି । ବିସ୍ଥାପନଜନୀତ କ୍ଷତିପୂରଣ ହାତେଇବା ପରେ ସାତକୋଶିଆର ମୋହ ଛାଡ଼ି ପାରୁ ନାହାଁନ୍ତି । ବ୍ୟାଘ୍ର ପ୍ରକଳ୍ପରୁ ବିସ୍ଥାପନ ପାଇଁ ରାଜୀ ହୋଇ ୨୦ ଲକ୍ଷ ଟଙ୍କାର ବିସ୍ଥାପନଜନୀତ କ୍ଷତିପୂରଣ ନେଇ ଅଭୟାରଣ୍ୟ ଛାଡ଼ିବାକୁ ସର୍ତ୍ତ ରହିଥିଲେ ମଧ୍ୟ ସରକାରୀ ନିୟମକୁ ଫୁ କରି ଦେଉଛନ୍ତି । ଆଗାମୀ ଦିନରେ ଆଉ ଏକ ପ୍ୟାକେଜକୁ ଅପେକ୍ଷା । ତେଣୁ ଅଭୟାରଣ୍ୟ ଭିତରୁ ବିସ୍ଥାପିତ କିଛି ପରିବାର ପୁଣି ଏକ ଠିକଣାରେ ଆରମ୍ଭ କରୁଛନ୍ତି ନିଜ ପରିଚୟ । ସଂପ୍ରତି ସାତକୋଶିଆ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପର ସୁରକ୍ଷା ନିମନ୍ତେ ସ୍ୱେଚ୍ଛାକୃତ ବିସ୍ଥାପନ ପାଇଁ ସରକାର ଯୋଜନା ଆରମ୍ଭ କରିଛନ୍ତି । ତଦନୁଯାୟୀ ୨୦୧୬ ମସିହାରେ ପ୍ରଥମ ଉଦ୍ୟମ ଆରମ୍ଭ ହୋଇଥିଲା । ରାଇଗୁଡ଼ା ଗ୍ରାମବାସୀ ସମୁହ ଭାବରେ ଦୁର୍ଗମ ଅଂଚଳରୁ ବାହାରି ଆସିଥିଲେ । ପ୍ରଥମ କରି ନିଜ ଠିକଣା ହଜେଇ ସାତକୋଶିଆ ବାହାରେ ସେମାନଙ୍କ ନୂଆ ବସତି ସ୍ଥାପନ କରିଥିଲେ । ସରକାରୀସ୍ତରରେ ବସ୍ତୀ ର ଉନ୍ନତି କରାଯିବା ସହିତ ମୌଳିକ ସବିଧା ଯୋଗେଇ ଦିଆଯାଇଛି । କିନ୍ତୁ ସେତିକିରେ ବିସ୍ଥାପିତମାନଙ୍କ ସମସ୍ୟା ଦୂର ହୋଇ ପାରି ନଥିବା ଅଭିଯୋଗ ଏବେ ପୁରୁଣା ହୋଇ ଗଲାଣି । ଇତି ମଧ୍ୟରେ




ଟୁଲୁକା, କଟଂଗ ଓ ଅସନବାହାଲ ପରି ତିନୋଟି ଦୁର୍ଗମ ଅଂଚଳର ଗ୍ରାମ ବିସ୍ଥାପନ ହୋଇ ସାରିଲାଣି । ବିସ୍ଥାପିତ ମାନେ ସରକାରୀ ପ୍ରୋତ୍ସାହନ ରାଶି ନେଇ ନିଜର ନୂତନ ଠିକଣାରେ ବସତି କରି ରହୁଛନ୍ତି । ସେଠାରେ ଅନେକ ସୁବିଧା ଥାଇ ମଧ୍ୟ ଏବେ ସେମାନେ ନିଜର ସେହି ଦୁର୍ଗମ ଅଂଚଳର ପୁରୁଣା ଭିଟା ମାଟି ର ମୋହ ଛାଡି ପାରୁ ନାହାନ୍ତି । ଦୁର୍ଗମ ଅଂଚଳ ହୋଇଥିଲେ ମଧ୍ୟ ଭିଟା ମାଟି ହରେଇବା ଘଟଣାରେ ସେମାନେ ଅନୁତାପ କରୁଥିବା ଶୁଣିବାକୁ ମିଳେ । ଦୁର୍ଗମ ଅଂଚଳରେ ରହୁଥିବା ସମୟରେ ମୌଳିକ ସୁବିଧାରୁ ବଂଚିତ ହେଉଥିଲେ । ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ମଧ୍ୟ ଜଙ୍ଗଲ ଭିତରେ ସେମାନେ ଯେଉଁ ଆନନ୍ଦ ପାଉଥିଲେ ତାହା ଏବେ ସାତସପନ ବୋଲି ଅନେକ ବିସ୍ଥାପିତ ପରିବାର ଗଣ ମାଧ୍ୟମ ଆଗରେ ବଖାଣୁଛନ୍ତି । ସାତକୋଶିଆର ଜଙ୍ଗଲ ପାହାଡ ରେ ବିତିଥିବା ଜୀବନ ସହର ତଳି ଅଂଚଳରେ ଥିବା ଜନବସତି ରେ ସେମାନେ ସନ୍ତୁଷ୍ଟ ନୁହନ୍ତି ବୋଲି ଅନେକେ ମତ ଦେଇଛନ୍ତି । କିନ୍ତୁ ଫେରିବାର ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇ ଯାଇଛି । ତେଣୁ କିଛି ବ୍ୟକ୍ତି ଏ ଦିଗରେ ନୂଆ ଉପାୟ ବାହାର କରିଛନ୍ତି । ସାତକୋଶିଆ ଭିତରେ ଅନେକ ଗ୍ରାମରେ ଏବେ ବି ସେମାନଙ୍କ ବନ୍ଧୁ ପରିଜନ ରହୁଛନ୍ତି । ନିଜ ପରିଚିତ ବ୍ୟକ୍ତି ମାନଙ୍କ ଘରେ ଅଥବା ସେହି ନିକଟବର୍ତ୍ତୀ ସ୍ଥାନରେ ଘର କରି ରହିବା ଆରମ୍ଭ କରିଛନ୍ତି । ଅନୁସନ୍ଧାନ ଅନୁଯାୟୀ କଟଂଗରୁ ବିସ୍ଥାପିତ ବ୍ୟକ୍ତି ନୁଆଁ ଗଇଁନ୍ଦିରେ ତାଙ୍କ ସମ୍ପର୍କୀୟଙ୍କ ଜାଗାରେ ନିଜର ସ୍ଥାୟୀ ଘର କରି ରହୁଛନ୍ତି । ସେହିପରି ମଝିପଡା ଗ୍ରାମର କୋହ୍ଲ ସାହିରେ ଅନ୍ୟ ଜଣେ ବିସ୍ଥାପିତ ସ୍ଥାୟୀ ଭାବରେ ରହୁଥିବା ଘଟଣା ଚର୍ଚ୍ଚାର ବିଷୟ ଅଟେ । ଅନ୍ୟ ଘଟଣାରେ କଟଂଗ ଗ୍ରାମର ଏକାଧିକ ବିସ୍ଥାପିତ ପରିବାର ଏବେ ଟିକରପଡା ଗ୍ରାମରେ ସ୍ଥାୟୀ ରହଣୀ କରୁଛନ୍ତି । ଏମିତି ଅନେକ ବିସ୍ଥାପିତ ପରିବାର ଏବେ ସାତକୋଶିଆ ଭିତରେ ରହୁଛନ୍ତି । ବିସ୍ଥାପନର ମୁଳ ଲକ୍ଷ ଏବେ ଦିଗ ହରା ହୋଇଛି ବୋଲି ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି । ସମସ୍ତ ଘଟଣା ବନ ବିଭାଗ ନିକଟରେ ଅଛପା ନାହିଁ । ତଥାପି ସେଦିଗରେ ବନ ବିଭାଗର ନୀରବତା ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିପାରେ । ବିସ୍ଥାପିତ ଆବେଦନରେ ସରକାରୀ ଅନୁଦାନ ଗ୍ରହଣ କରି ସାତକୋଶିଆ ବାହାରେ ରହିବାକୁ ଦେଇଥିବା ଲିଖିତ ସର୍ତ୍ତର ଏବେ ବ୍ୟତିକ୍ରମ ହୋଇଛି କି ନା ତାକୁ ବନ ବିଭାଗ ତର୍ଜମା କରିବାର ସମୟ ଆସିଛି । ଜିଲ୍ଲା ପ୍ରଶାସନ ଘଟଣାର ତଦାରଖ କରିବାର ଦାୟିତ୍ୱ ଏଡାଇ ଦେଇ ପାରିବେ ନାହିଁ । ଏମିତି ହେଲେ ଆଗକୁ ସମସ୍ୟା ବଢିବା ସହିତ ଅନେକ ପରିବାର ସେମାନେ ଏବେ ଅବସ୍ଥାନ କରୁଥିବା ସ୍ଥାନରେ ଆଉ ଥରେ ବିସ୍ଥାପନର ସୁବିଧା ହାସଲ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇ ପାରନ୍ତି ।

# ୪ ଦିନ ହେଲା ଏକ୍ସ-ରେ ମେସିନ ଅଚଳ

ଦାରିଙ୍ଗବାଡ଼ି,୦୧/୦୮ (ଜେଏନ୍ଏସ୍) : କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଏକ ମାତ୍ର ଏକ୍ସ-ରେ ମେସିନ ଗତ ୪ ଦିନ ହେଲା ଅଚଳ ହୋଇପଡ଼ିଛି । ଫଳରେ ଉକ୍ତ ଏକ୍ସରେ ଉପରେ ନିର୍ଭର କରୁଥିବା ୨୫ ପଞ୍ଚାୟତର ରୋଗୀମାନେ ନିରାଶ ହୋଇ ଫେରିବା ସହ ଜରୁରୀକାଳିନ ପରିସ୍ଥିତିରେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଫୁଲବାଣୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ କିଛି ରୋଗୀ ବ୍ରହ୍ମପୁର, ଭଞ୍ଜନଗରକୁ ଏକ୍ସରେ କରାଇବା ପାଇଁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି । ଦାରିଙ୍ଗବାଡ଼ିରେ ଅସ୍ଥିଶଲ୍ୟ ବିଭାଗର କୌଣସି ବିଶେଷଜ୍ଞ ନ ଥିଲେ ମଧ୍ୟ ଲୋକଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଦୀର୍ଘବର୍ଷ ଧରି ଏକ୍ସରେ ମେସିନ ସ୍ଥାପନ କରାଯାଇଛି

**ହନ୍ତସନ୍ତ ହେଉଛନ୍ତି ରୋଗୀ**

କିନ୍ତୁ ଉକ୍ତ ଏକ୍ସରେ ମେସିନ ଅତ୍ୟାଧୁନିକ ଓ ଡିଜିଟାଲ ହୋଇଥିବାରୁ ବାରମ୍ବାର ଅଚଳ ହୋଇପଡ଼ିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଇମେଲ ଓ ଚିଠି କରିବା ପରେ ମରାମତି କରିବାକୁ ଟେକ୍‌ନିସିଆନ ପହଞ୍ଚି ମରାମତି କରନ୍ତି । ଫଳରେ ଏକ୍ସରେ ସ୍ୱାଭାବିକ ହେବାକୁ ଦିନ ପରେ ଦିନ ବିତିଯାଉଥିବାରୁ ଜନ ଅସନ୍ତୋଷ ଦେଖାଯାଉଛି ।

# ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ନୀଳଗିରି

ନୀଳଗିରି, ୦୧/୦୮ (ଜେଏନ୍ଏସ୍) : ଗତକାଲି ରାତିରୁ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ନୀଳଗିରି ଏନ୍ଏସି ସହିତ ଏହାର ଆଖପାଖ ଅଞ୍ଚଳ ଏବଂ ବିଭିନ୍ନ ପଞ୍ଚାୟତ ଜଳମଗ୍ନ ହୋଇଯାଇଥିଲା । ବିବରଣୀ ଅନୁଯାୟୀ ସନ୍ଧ୍ୟା ୭ଟା ସମୟରୁ ବର୍ଷା ଆରମ୍ଭ ହୋଇ ରାତି ତମାମ୍ ପାଖାପାଖି ୨୩୫ ମିଲିମିଟର ବର୍ଷା ହୋଇଥିଲା, ଯାହାକି ୨୫ ବର୍ଷ ର ରେକର୍ଡ ଭାଙ୍ଗିଛି । ଏନ୍ଏସି ୧ନଂ ୱାର୍ଡ କଦମସାହିରେ ଡ୍ରେନେଜ୍ ସିଷ୍ଟମ୍ ଠିକ୍ ନଥିବାରୁ ବର୍ଷାପାଣି ଜମି ରହିଥିଲା ଫଳରେ ନିଷ୍କାସନ ହୋଇନପାରି ଲୋକମାନଙ୍କ ଘର ଭିତରକୁ ପଶିଯାଇଥିଲା, ମାଟି ଘର ଗୁଡିକର କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଶେଷରେ କୌଣସି ଉପାୟ ନପାଇ କଦମସାହି ଛକ ନିକଟ ୧୯ନଂ ରାଜ୍ୟ ରାଜପଥ କୁ ଜେସିବି ମେସିନ ସାହାଯ୍ୟରେ ଖୋଳାଯାଇ ଜଳ ନିଷ୍କାସନ କରାଯାଇଥିଲା, ସେହିପରି ୨ନଂ ୱାର୍ଡରେ



ପାହାଡ଼ ପାଣି ଘରେ ପଶିଯିବାରୁ ବହୁ ଘର କ୍ଷତିଗ୍ରସ୍ତ ହୋଇଛି, ୫ନଂ ୱାର୍ଡ ବରିସାହି, ୭ନଂ ୱାର୍ଡ ବାଲିଗୋହିରି ଏବଂ ୯ନଂ ୱାର୍ଡ ସିମୁଳିଆ ରେ ବର୍ଷାଜଳ ପଶି ବିଶେଷ ଭାବେ କ୍ଷୟକ୍ଷତି ହୋଇଛି । ଅନୁରୂପ ଭାବେ ବହୁ ପଞ୍ଚାୟତ ଗୁଡିକରେ ଜଳମଗ୍ନ ହୋଇଯିବାରୁ ବିଭିନ୍ନ ସ୍ଥାନମାନଙ୍କରେ ମୁଖ୍ୟ ରାସ୍ତାଗୁଡ଼ିକ କଟାଯାଇ ଜଳ ନିଷ୍କାସନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଏବଂ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଜଳବନ୍ଦୀ ହୋଇଥିବା ବିଭିନ୍ନ ସ୍ଥାନ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରି ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ସ୍ଥାନୀୟ ପ୍ରଶାସନ ଲୋକମାନଙ୍କ ସହଯୋଗ ନିମନ୍ତେ ଏକ ହେଲ୍ପ ଲାଇନ୍ ନମ୍ବର ଜାରି କରିବା ସହ ପୁରାପୁରି ତତ୍ପର ହୋଇ ଉଠିଛି ।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ପେପର ଲିକ୍ ବିରୋଧୀ ବିଲ୍ ପାସ୍



**ପେପର ଲିକ୍ ମାଫିଆଙ୍କୁ ୧୦ ବର୍ଷ ଜେଲ୍**

ନୂଆଦିଲ୍ଲୀ,୦୧/୦୮ :ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ସଂସଦର ଉଭୟ ଗୃହରେ ସଫଳତାର ସହ ପାରିତ ହୋଇସାରିଛି । ନିକଟରେ ନିଟ୍-ୟୁଜି ପରୀକ୍ଷା ବିବାଦ ଓ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ପରେ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ସରକାର ୨୦୨୪ର ପୁରୁଣା ଆଇନକୁ ଅଧିକ କଠୋର କରି ଏହି ନୂଆ ସଂଶୋଧନ ଆଣିଛନ୍ତି । ପେପର ଲିକ୍ କିମ୍ବା ପରୀକ୍ଷାରେ ଅନ୍ୟାୟ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କ ପାଇଁ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ପ୍ରାବଧାନ ରହିଛି । ସଂଗଠିତ ଭାବେ ପ୍ରଶ୍ନପତ୍ର ଲିକ୍ କରୁଥିବା ମାଫିଆ କିମ୍ବା ଚକ୍ର ପାଇଁ ସର୍ବନିମ୍ନ ୭ ବର୍ଷରୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତି କରାଯିବ । ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୪ ବର୍ଷ ବଦଳରେ ୮ ବର୍ଷ ପର୍ଯ୍ୟନ୍ତ ପରୀକ୍ଷା କାର୍ଯ୍ୟରୁ ବ୍ୟାନ କରାଯିବ । ସଂସ୍ଥାର ନିର୍ଦ୍ଦେଶକ କିମ୍ବା ବରିଷ୍ଠ ଅଧିକାରୀଙ୍କୁ ଅତିକମରେ ୫ ବର୍ଷ ଜେଲ୍ ହେବ । ପୁଲିସ ଷ୍ଟେସନରେ ମାମଲା ରୁଜୁ ହେବାର ୨ ମାସ ମଧ୍ୟରେ ତଦନ୍ତ ଶେଷ କରିବା ବାଧ୍ୟତାମୂଳକ । ଦୈନନ୍ଦିନ ଭିତରେ ଶୁଣାଣି ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରାଯିବ । ଚାର୍ଜସିଟ୍ ଦାଖଲ ହେବାର ୩ ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ କରାଯିବ । ଆବଶ୍ୟକ ସ୍ଥଳେ କେନ୍ଦ୍ର ସରକାର ଏହି ମାମଲାଗୁଡ଼ିକର ଯାଞ୍ଚ ପାଇଁ ଏକ ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍ଆଇଟି) ଗଠନ କରିପାରିବେ । ବିଲ୍‌ଟି ଜୁଲାଇ ୨୯ (ବୁଧବାର) ଦିନ ଲୋକସଭାରେ ଏବଂ ଜୁଲାଇ ୩୦ (ଗୁରୁବାର) ଦିନ ରାଜ୍ୟସଭାରେ ବାଚନିକ ଭୋଟ୍‌ରେ ପାରିତ ହୋଇଛି । ବିଲ୍ ଉପରେ ଚର୍ଚ୍ଚା ସମୟରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ପ୍ରବଳ ହଟ୍ଟଗୋଳ ଏବଂ ବାକ୍-ବିବାଦ ଦେଖାଦେଇଥିଲା । ଘରଋଞ୍ଚ ପେପର ଲିକ୍ ପ୍ରସଙ୍ଗରେ କଂଗ୍ରେସ ସମେତ ସମସ୍ତ 'ଇଣ୍ଡିଆ' ମେଣ୍ଟର ସଦସ୍ୟମାନେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହରୁ ୱାକଆଉଟ୍ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସରକାର ପରୀକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ୪୬ଟି ସୁପାରିଶ ମଧ୍ୟରୁ ୩୫ଟି କାର୍ଯ୍ୟକାରୀ କରିସାରିଛନ୍ତି, ଯେଉଁଥିରେ ଆଧାର ବାୟୋମେଟ୍ରିକ୍, ଇଓ ଫେସ୍ ଅଥେଣ୍ଟିକେସନ ଏବଂ ସିସିଟିଭି ସର୍ଭେଲାନ୍ସ ସାମିଲ ଅଛି ।

# ଆସାମରେ ବନ୍ୟା ମୃତ୍ୟୁ ସଂଖ୍ୟା ୮୦କୁ ବୃଦ୍ଧି



**୮ଟି ଜିଲ୍ଲାର ୪୩୭ଟି ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ**

ଆସାମ,୦୧/୦୬: ରାଜ୍ୟରେ ଏବେ ବି ସ୍ଥିତି ଚିନ୍ତାଜନକ ରହିଛି ଏବଂ ଏହାକୁ ବିଗତ ୬ ଦଶନ୍ଧି (୬୦ ବର୍ଷ) ମଧ୍ୟରେ ସବୁଠାରୁ ଭୟଙ୍କର ବନ୍ୟା ବୋଲି କୁହାଯାଉଛି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ର ସଦ୍ୟତମ ସୂଚନା ଅନୁଯାୟୀ, ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୮୦କୁ ବୃଦ୍ଧି ପାଇଛି ଥ୧.୨.୨ଧ. ସେମାନଙ୍କ ମଧ୍ୟରୁ ଅନେକ ଲୋକ ପାଣିରେ ଭାସିଯାଇ କିମ୍ବା ଭୂସ୍ଖଳନ ଯୋଗୁଁ ପ୍ରାଣ ହରାଇଛନ୍ତି । ରାଜ୍ୟର ୨ ଲକ୍ଷ ୧୨ ହଜାରରୁ ଅଧିକ ଲୋକ ଏବେ ବି ବନ୍ୟା ଦ୍ୱାରା ଗମ୍ଭୀର ଭାବେ ପ୍ରଭାବିତ ଅଛନ୍ତି । ଆସାମର ୨୧ଟି ରାଜସ୍ୱ ମଣ୍ଡଳର ପ୍ରାୟ ୪୩୭ଟି ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ରହିଛି । ଆସାମର ମୋଟ ୮ଟି ଜିଲ୍ଲା ଏବେ ବନ୍ୟା କବଳରେ ଅଛି । ଶିବସାଗରଠାରେ ସ୍ଥିତି ସବୁଠାରୁ ଭୟାବହ । ଗତ ୨୪ ଘଣ୍ଟାରେ ରିପୋର୍ଟ ହୋଇଥିବା ଶେଷ ଦୁଇଟି ମୃତ୍ୟୁ ମଧ୍ୟ ଏହି ଜିଲ୍ଲାରୁ ଆସିଛି । ଏହି ଜିଲ୍ଲାରେ ପ୍ରାୟ ୧.୪୨ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଅନ ଜିଲ୍ଲା ମଧ୍ୟରେ ଗୋଲାଘାଟ, ଯୋରହାଟ, ନଗାଁଓ, ବିଶ୍ୱନାଥ, ଧେମାଜୀ ଏବଂ କାମରୂପ ମେଟ୍ରୋପଲିଟାନ୍ (ଗୁଆହାଟୀ) ପ୍ରମୁଖରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରାୟ ୧୭,୧୯୮ ହେକ୍ଟର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଛି, ଯାହାଫଳରେ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ବ୍ରହ୍ମପୁତ୍ର ଓ ଏହାର ଶାଖା ନଦୀଗୁଡ଼ିକର ବନ୍ୟା ଜଳ ଯୋଗୁଁ ଅନେକ ସ୍ଥାନରେ ନଦୀବନ୍ଧ, ପକ୍କା ରାସ୍ତା, କୋଠାବାଡ଼ି ଏବଂ ବ୍ରିଜ୍ ଭାଙ୍ଗିଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ହଜାର ହଜାର ସଂଖ୍ୟାରେ ଗୃହପାଳିତ ପଶୁ (ଗୋରୁ, ମଇଁଷି ଓ ଛେଳି) ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ, ସ୍ୱେଚ୍ଛାକୃତ ଭାବେ ବ୍ୟାଙ୍କଗୁଡ଼ିକ ବନ୍ୟା ପ୍ରଭାବିତ ଜିଲ୍ଲାର ଲୋକମାନଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟାଙ୍କ ଋଣ ପରିଶୋଧ ଉପରେ ୬ ମାସର କଟକଣା ଘୋଷଣା କରିଛନ୍ତି । ଏହି ଋଣ ଅବଧିକୁ ୧ ବର୍ଷରୁ ୭ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ସରକାର ମୃତକଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା ରାଶି କୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏକ ଆନ୍ତ-ମନ୍ତ୍ରାଳୟ କେନ୍ଦ୍ରୀୟ ଦଳ ଆସାମର ବନ୍ୟାଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ଆକଳନ ଶେଷ କରିଛନ୍ତି । ରାଜ୍ୟ ସରକାର କେନ୍ଦ୍ର ପାଖରୁ ଏକ ବଡ଼ ସହାୟତା ପ୍ୟାକେଜ୍ ଦାବି କରିଛନ୍ତି । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଭାରତୀୟ ସେନା ମିଳିତ ଭାବେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣୁଛନ୍ତି ଏବଂ ଶତାଧିକ ରିଲିଫ୍ ଶିବିରରେ ଶୁଖିଲା ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ।

# ନିର୍ବାଚନ କମିଶନଙ୍କ ବଡ଼ ପଦକ୍ଷେପ : ଆରମ୍ଭ ହେଲା ଭୋଟର ସର୍ଭେ

ନୂଆଦିଲ୍ଲୀ,୦୧/୦୮ : ଭାରତୀୟ ନିର୍ବାଚନ କମିଶନ ଦେଶର ୧୭ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଂଶୋଧନ ସର୍ଭେ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଯାହା ଓଡ଼ିଶାରେ ମଧ୍ୟ ଜାରି ରହିଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ସଠିକ୍ ଏବଂ ଅପଡେଟ୍ କରିବା । ୧୮ ବର୍ଷ ବୟସ ସମ୍ପୂର୍ଣ୍ଣ କରିଥିବା ଯୁବକ ସାମିତ ଯୋଗ୍ୟତା ତାରିଖ ଅନୁସାରେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ ।

**ତାଲିକାରେ ଯୋଡ଼ିହେବେ ନୂଆ ଭୋଟର, ବାଦ୍ ପଡ଼ିବେ ନକଲି**

ଭୋଟର କାର୍ଡରେ ଥିବା ନାମ, ବୟସ, ଫଟୋ, ଠିକଣା କିମ୍ବା ପିତା/ସ୍ୱାମୀଙ୍କ ନାମରେ ଥିବା ଭୁଲକୁ ସୁଧାରିବା । ମୃତ ବ୍ୟକ୍ତି, ଅନ୍ୟ ସ୍ଥାନକୁ ସ୍ଥାୟୀ ଭାବେ ଚାଲିଯାଇଥିବା ଲୋକ କିମ୍ବା ଏକାଧିକ ସ୍ଥାନରେ ଥିବା ନାମକୁ ତାଲିକାରୁ କାଟିବା । ଏହି ଯୋଜନାରେ ବିଏଲଓମାନେ ଘରକୁ ଘର ବୁଲି ଭୋଟରମାନଙ୍କର ତଥ୍ୟ ଯାଞ୍ଚ କରୁଛନ୍ତି । ଯଦି କୌଣସି ପରିବାରରେ ନୂଆ ସଦସ୍ୟ (ବିବାହ କିମ୍ବା ନୂଆ ବୟସ୍କ) ଯୋଡ଼ି ହୋଇଛନ୍ତି, ତେବେ ସେମାନଙ୍କ ଫର୍ମ ପୂରଣ କରାଯାଉଛି । ସାଧାରଣ ଜନତା ବିଏଲଓଙ୍କୁ ଭେଟିବା ସହ ନିଜେ ମଧ୍ୟ ।ଭୋଟର ହେଲପଲାଇନ୍ ଆପ୍ କିମ୍ବା ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍‌ରେ ସଂଶୋଧନ ଓ ନୂଆ ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ।

# ଭାରତ-ନେପାଳ ସୀମାରେ ଯାତାୟାତ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ

ନେପାଳ, ୦୧/୦୮ : ଭାରତ ସୀମାବର୍ତ୍ତୀ ଦକ୍ଷିଣ-ପୂର୍ବ ନେପାଳରେ ସାମ୍ପ୍ରଦାୟିକ ହିଂସା ଚରମ ସୀମାରେ ପହଞ୍ଚିବା ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ସପ୍ତରୀ ଜିଲ୍ଲା ସମେତ ମୋଟ ୪ଟି ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କରଫ୍ୟୁ ଜାରି କରାଯାଇଛି । ଗତ ରବିବାର (୨୭ ଜୁଲାଇ) ନେପାଳର ସୁନସରୀ ଜିଲ୍ଲାର ଦେବନଗଞ୍ଜ ଠାରେ ଏକ ଧାର୍ମିକ ଶୋଭାଯାତ୍ରା ସମୟରେ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ବଜାଇବାକୁ ନେଇ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା । ଏହି ବିବାଦ ପରେ ପଥର ମାଡ଼, ଗାଡ଼ି ପୋଡ଼ାଜଳା ଏବଂ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ପରିସ୍ଥିତି ଏପରି ହେଲା ଯେ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସକୁ ଲୁହବୁହା ଗ୍ୟାସ, ଲାଠିଚାର୍ଜ ଓ ଗୁଳିଚାଳନା କରିବାକୁ



**ସୀମା କଟକଣା : ନେପାଳର ୪ଟି ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କରଫ୍ୟୁ**

ପଡ଼ିଥିଲା । ହିଂସା ପ୍ରଥମେ ସୁନସରୀରୁ ଆରମ୍ଭ ହୋଇ କ୍ରମଶଃ ଆଖପାଖ ଜିଲ୍ଲାଗୁଡ଼ିକୁ ବ୍ୟାପିଥିଲା । ବର୍ତ୍ତମାନ ସୁଦ୍ଧା ଗତକାଲି (୩୧ ଜୁଲାଇ) ସକାଳ ୮ ଟାରୁ ଏହି ଜିଲ୍ଲାର ରାଜବିରାଜ ମ୍ୟୁନିସିପାଲିଟିର କିଛି ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କରଫ୍ୟୁ ଲାଗୁ କରାଯାଇଛି । ସୁନସରୀ, ସିରାହା ଏବଂ ଧନୁଷା ଆଦି ଏହି ତିନୋଟି ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳରେ ପୂର୍ବରୁ କରଫ୍ୟୁ ବଳବତ୍ତର ରହିଛି । ଏଠାରେ ହିଂସା ବ୍ୟାପିବା ଆଶଙ୍କାରେ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ଏହି ସାମ୍ପ୍ରଦାୟିକ ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇସାରିଛି, ଯେଉଁଥିରେ ସିରାହା ଜିଲ୍ଲାର ଜଣେ କିଶୋର ମଧ୍ୟ ସାମିଲ ଅଛନ୍ତି । ସୁରକ୍ଷାକର୍ମୀଙ୍କ ସମେତ ଦୁଇ ଦଳର ଦୁଇ ଡଜନରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ସିରାହାରେ ଜଣେ ପୋଲିସ କନଷ୍ଟେବଲ ମଧ୍ୟ ଗୁଳିମାଡ଼ର ଶିକାର ହୋଇଛନ୍ତି । ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହା ଦେଶବାସୀଙ୍କୁ ଶାନ୍ତି ଓ ସାମାଜିକ ସଦଭାବ ବଜାୟ ରଖିବାକୁ ନିବେଦନ କରିଛନ୍ତି । ଏହି ହିଂସାର ନିରପେକ୍ଷ ତଦନ୍ତ କରାଯିବ ଏବଂ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ସ୍ଥିତିକୁ ସୁଧାରିବା ପାଇଁ ନେପାଳ ପୋଲିସ, ସଶସ୍ତ୍ର ପୋଲିସ ବଳ ସହିତ ନେପାଳ ସେନା କୁ ବହୁ ସଂଖ୍ୟାରେ ମୁତୟନ କରାଯାଇଛି । କରଫ୍ୟୁ ଲାଗିଥିବା ସମସ୍ତ ଜିଲ୍ଲା ଭାରତର ବିହାର ସୀମାକୁ ଲାଗି ରହିଛି । ସୁରକ୍ଷା ଦୃଷ୍ଟିରୁ ନେପାଳ ପ୍ରଶାସନ ଏବେ ସୀମା ଦେଇ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବୈଧ ପରିଚୟ ପତ୍ର ବାଧ୍ୟତାମୂଳକ କରିଛି । ଭାରତୀୟ ସୁରକ୍ଷାକର୍ମୀ ମଧ୍ୟ ସୀମାନ୍ତରେ ଆଲର୍ଟ ରହିଛନ୍ତି ।

# 'ସିରିଆକୁ ଏକା ଛାଡ଼ିଦିଅ ନାହିଁ'

## ବିଶ୍ୱ ସମୁଦାୟକୁ ଜାତିସଂଘ ମୁଖ୍ୟଙ୍କ ବଡ଼ ଆହ୍ୱାନ



ସିରିଆ, ୦୧/୦୮ : ଜାତିସଂଘ ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ ସିରିଆର ଡାମାସକସରେ ଏକ ଐତିହାସିକ ଗସ୍ତ ଶେଷ କରିଛନ୍ତି, ଯାହା ବିଗତ ୧୭ ବର୍ଷ ମଧ୍ୟରେ କୌଣସି ଜାତିସଂଘ ମୁଖ୍ୟଙ୍କ ପ୍ରଥମ ସିରିଆ ଗସ୍ତ ଅଟେ । ଦୀର୍ଘ ୧୪ ବର୍ଷର ଗୃହଯୁଦ୍ଧ ଏବଂ ବାସର ଅଲ୍-ଅସଦ ଶାସନର ପତନ ପରେ ସିରିଆର ପୁନଃନିର୍ମାଣ ଓ ସ୍ଥିରତା ପାଇଁ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଜାତିସଂଘ ମୁଖ୍ୟ ସିରିଆର ନୂତନ ରାଷ୍ଟ୍ରପତି ଅହମ୍ମଦ ଅଲ୍-ସାରାଙ୍କ ସହ ସାକ୍ଷାତ କରି ଦେଶର ରାଜନୈତିକ ପରିବର୍ତ୍ତନ ଓ ଶାନ୍ତି ପ୍ରତିଷ୍ଠା ଉପରେ ଆଲୋଚନା କରିଛନ୍ତି । ଗୁଟେରସ କହିଛନ୍ତି ଯେ କୌଣସି ଦେଶ ଏକାକୀ ମହାଯୁଦ୍ଧର ବିନାଶରୁ ବାହାରି ପାରିବ ନାହିଁ, ତେଣୁ ସିରିଆର ପୁନଃନିର୍ମାଣ ପାଇଁ ବିଶ୍ୱବାସୀ ଆଗେଇ ଆସିବା ଉଚିତ । ସିରିଆର ଅର୍ଥନୀତିକୁ ସୁଧାରିବା ଏବଂ ସହାୟତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆନ୍ତର୍ଜାତୀୟ ପ୍ରତିବନ୍ଧକଗୁଡ଼ିକୁ ତୁରନ୍ତ ହଟାଇବାକୁ ଅପିଲ୍ କରିଛନ୍ତି । ଦକ୍ଷିଣ ସିରିଆରେ ଇସ୍ରାଏଲ୍ ଦ୍ୱାରା ହେଉଥିବା ସାର୍ବଭୌମତ୍ୱ ଉଲ୍ଲଂଘନକୁ ନିନ୍ଦା କରିବା ସହ ଜାତିସଂଘ ସୁରକ୍ଷା ପରିଷଦରେ ଏକ ସ୍ୱତନ୍ତ୍ର ରିପୋର୍ଟ ଦାଖଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ସେ ଡାମାସକସର ପ୍ରସିଦ୍ଧ 'ଉମୟାଦ ମସଜିଦ୍' ଏବଂ ପୁରୁଣା ସହର ବୁଲି ଦେଖିବା ସହ ସାଧାରଣ ଜନତାଙ୍କ ସହ ମଧ୍ୟ କଥା ହୋଇଥିଲେ ।

# ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ ଆଫଗାନ ନାଗରିକ

**ତୋରଖାମ ସୀମାରେ ଭିଡ଼**

ଆଫଗାନିସ୍ତାନ,୦୧/୦୮ : ଗତ କିଛି ସପ୍ତାହ ମଧ୍ୟରେ ପାକିସ୍ତାନ, ଇରାନ ଏବଂ ତୁର୍କୀରୁ ୧୪,୫୦୦ରୁ ଅଧିକ ଆଫଗାନିସ୍ତାନ ଶରଣାର୍ଥୀ ପରିବାର ନିଜ ଦେଶକୁ ଫେରିଛନ୍ତି । ଆଫଗାନିସ୍ତାନର 'ଶରଣାର୍ଥୀ ଏବଂ ପ୍ରତ୍ୟାବର୍ତ୍ତନ ମନ୍ତ୍ରଣାଳୟ' (ଗକ୍ଟଜଜ) ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ବିଭିନ୍ନ ସୀମାନ୍ତ ଦେଇ ଏହି ଶରଣାର୍ଥୀମାନେ ନିଜ ମାତୃଭୂମିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପାକିସ୍ତାନର ତୋରଖାମ ଓ ସ୍ପିନ ବୋଲଦାକଏବଂ ଇରାନର ସିଲ୍କ ରୋଡ୍ ସୀମା ଦେଇ ହଜାର ହଜାର ଆଫଗାନ ନାଗରିକ ଦେଶକୁ ପ୍ରବେଶ କରିଛନ୍ତି । ଜାତିସଂଘ ଶରଣାର୍ଥୀ ସଂସ୍ଥା ଏବଂ ଆନ୍ତର୍ଜାତୀୟ ପ୍ରବାସୀ ସଂଗଠନ ପକ୍ଷରୁ ଫେରୁଥିବା ଶରଣାର୍ଥୀ ପରିବାରଗୁଡ଼ିକୁ ଖାଦ୍ୟ, ସ୍ୱାସ୍ଥ୍ୟ ସେବା ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ପାକିସ୍ତାନ ଓ ଇରାନ ସରକାରଙ୍କ ଦ୍ୱାରା ବେଆଇନ ପ୍ରବାସୀଙ୍କ ବିରୋଧରେ କଡ଼ା କଟକଣା ଏବଂ ନିଜ ଦେଶକୁ ଫେରିଯିବା ପାଇଁ ଦିଆଯାଇଥିବା ଚେତାବନୀ ଯୋଗୁଁ ଏହି ସଂଖ୍ୟା ବୃଦ୍ଧି ପାଇଛି ।



# ଲୋକସଭା : ଜନ୍ମ-ମୃତ୍ୟୁ ସଂଶୋଧନ ବିଲ୍ ପାସ୍

ନୂଆଦିଲ୍ଲୀ,୦୧/୦୮ : ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୬ ଗତକାଲି (୩୧ ଜୁଲାଇ ୨୦୨୬) ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ପାସ୍ ହୋଇଯାଇଛି । ଏହି ବିଲ୍ ମାଧ୍ୟମରେ ୫୭ ବର୍ଷ ପୁରୁଣା 'ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ, ୧୯୬୯'ରେ ସଂଶୋଧନ କରାଯାଇଛି । ଏହି ନୂତନ ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଳମ୍ବରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରୁଥିବା ଲୋକଙ୍କ ପାଇଁ ନିୟମକୁ ଅଧିକ କଠୋର କରିବା ଏବଂ ଠିକ୍ ସମୟରେ ପଞ୍ଜୀକରଣ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା । ବର୍ତ୍ତମାନର ନିୟମ ଅନୁସାରେ ଜନ୍ମ କିମ୍ବା ମୃତ୍ୟୁର ୨୧ ଦିନ ମଧ୍ୟରେ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣାରେ ହୋଇଥାଏ. କିନ୍ତୁ ଯଦି କେହି ୧ ବର୍ଷରୁ ଅଧିକ ବିଳମ୍ବ କରନ୍ତି, ତେବେ ପୂର୍ବରୁ କେବଳ ଜିଲ୍ଲା ମାଜିଷ୍ଟ୍ରେଟ୍ ବା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ଆବଶ୍ୟକ ହେଉଥିଲା । ନୂଆ ବିଲ୍ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍, ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଅନୁମତି ଓ ଯାଞ୍ଚ ପରେ ପଞ୍ଜୀକରଣ ହୋଇପାରିବ । ୨ ବର୍ଷରୁ ଅଧିକ ବିଳମ୍ବ ହେଲେ, ବର୍ତ୍ତମାନ ଆଉ ପ୍ରଶାସନିକ ଅଧିକାରୀଙ୍କ ଅନୁମତି କାମ କରିବ ନାହିଁ । ଏଥିପାଇଁ ସେହି ବ୍ୟକ୍ତିଙ୍କୁ ପ୍ରଥମ ଶ୍ରେଣୀ ଜୁଡିସିଆଲ୍ ମାଜିଷ୍ଟ୍ରେଟଙ୍କ କୋର୍ଟରୁ ଆଦେଶ ଆଣିବାକୁ ପଡ଼ିବ । ଅନେକ ସମୟରେ ବହୁ ବର୍ଷ ପରେ ଜନ୍ମ ବା ମୃତ୍ୟୁର ମିଥ୍ୟା ପଞ୍ଜୀକରଣ କରି ସରକାରୀ ଯୋଜନା, ସମ୍ପତ୍ତି ହଡ଼ପ କିମ୍ବା ନାଗରିକତା ସମ୍ବନ୍ଧୀୟ ଜାଲିଆତି କରାଯାଇଥାଏ. ଜୁଡିସିଆଲ୍ ସ୍ତରରେ ଯାଞ୍ଚ ହେଲେ ଏହି ଜାଲିଆତି ସମ୍ପୂର୍ଣ୍ଣ ବନ୍ଦ ହେବ । ଦେଶର ଜନସଂଖ୍ୟା, ମାତୃ ଓ ଶିଶୁ କଲ୍ୟାଣ ଯୋଜନା ଏବଂ ସାମାଜିକ ସୁରକ୍ଷା ଭତ୍ତା ଭଳି ଯୋଜନାର ସଠିକ୍ ରୂପାୟନ ପାଇଁ ସରକାର ଏକ ନିର୍ଭୁଲ ଜାତୀୟ ଡାଟାବେସ୍ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି । ଯେଉଁମାନେ ନିଜ ପିଲାଙ୍କ ଜନ୍ମ ବା ପରିବାର ସଦସ୍ୟଙ୍କ ମୃତ୍ୟୁର ୧ ବର୍ଷ ମଧ୍ୟରେ ପଞ୍ଜୀକରଣ କରିଦେବେ, ସେମାନଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହୋଇନାହିଁ. ସେମାନେ ପୂର୍ବପରି ନିଜର ସ୍ଥାନୀୟ ମ୍ୟୁନିସିପାଲିଟି ବା ପଞ୍ଚାୟତ କାର୍ଯ୍ୟାଳୟରୁ ସହଜରେ ପ୍ରମାଣପତ୍ର ପାଇପାରିବେ । ଗତ ଜୁଲାଇ ୨୦ ତାରିଖରେ ହୋଇଥିବା ସଂସଦ ମାର୍ଚ୍ଚ ସମୟରେ ଛାତ୍ରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳ ଗୃହରେ ପ୍ରବଳ ସ୍ଲୋଗାନବାଜି ଓ ପ୍ରତିବାଦ କରିଥିଲେ. ବିରୋଧୀମାନେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଦାବି କରି ଗୃହର ମଧ୍ୟଭାଗକୁ ଚାଲିଆସିଥିଲେ, ଯାହାଫଳରେ କୌଣସି ଆଲୋଚନା ନହୋଇ କେବଳ ଧ୍ୱନି ମତ ଦ୍ୱାରା ଏହି ବିଲ୍ ପାସ୍ ହୋଇଛି ।

# ରୋମାନିଆ ଗସ୍ତ ସାରି ଫେରିଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୦୧/୦୮ : ଭାରତର ସମ୍ମାନନୀୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର ୩ ଦିନିଆ ରୋମାନିଆ ଦ୍ୱିପାକ୍ଷିକ ଗସ୍ତ ସଫଳତାର ସହ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ଏବଂ ସାଂସ୍କୃତିକ ସମ୍ପର୍କ ଆହୁରି ମଜବୁତ ହୋଇଛି । ରାଷ୍ଟ୍ରପତି ମୁର୍ମୁ ରୋମାନିଆର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରି ପ୍ରତିରକ୍ଷା ସହଯୋଗ, ଆଇଟି, ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବୁଖାରେଷ୍ଟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେ ସେଠାରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରି ଦେଶର ବିକାଶରେ ସେମାନଙ୍କର ଅବଦାନକୁ ପ୍ରଶଂସା କରିଥିଲେ । ରୋମାନିଆ ସରକାରଙ୍କ ପକ୍ଷରୁ ଭାରତ-ରୋମାନିଆ ବନ୍ଧୁତ୍ୱକୁ ସୁଦୃଢ଼ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେଠାକାର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି ।

# ହୁଥି ଆକ୍ରମଣରେ ଜଳିଲା ସାଉଦିର ଆରାମକୋ



**ବନ୍ଦ ହେଲା ତୈଳ ବିଶୋଧନାଗାର**

ସାଉଦି ଆରବ,୦୧/୦୮ : ୟେମେନର ଇରାନ-ସମର୍ଥିତ ହୁଥି ବିଦ୍ରୋହୀ ଗୋଷ୍ଠୀ ସାଉଦି ଆରବର ବିଭିନ୍ନ ତୈଳ ପ୍ରତିଷ୍ଠାନ ଏବଂ ଟ୍ୟାଙ୍କରକୁ ଟାର୍ଗେଟ କରି ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଛନ୍ତି, ଯାହା ଫଳରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ହୁଥି ସଂଗଠନର ସାମରିକ ମୁଖପାତ୍ର ୟାହ୍ୟା ସାରିଙ୍କ ଅନୁଯାୟୀ, ସାଉଦି ଆରବ ପକ୍ଷରୁ ୟେମେନର ହୁଦେଇଦା ସହର ଉପରେ ହୋଇଥିବା ବିମାନ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ସେମାନେ ଏହି ମିସାଇଲ ମାଡ଼ କରିଛନ୍ତି । ହୁଥି ବିଦ୍ରୋହୀମାନେ ସାଉଦି ଆରବର ପ୍ରମୁଖ ଉପକୂଳ ସହର ଜିଜାନ ଏବଂ ୟାନବୁ ରେ ଥିବା ବିଶ୍ୱର ସବୁଠାରୁ ବଡ଼ ତୈଳ କମ୍ପାନୀ 'ଆରାମକୋ'ର ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିଛନ୍ତି । ଜିଜାନରେ ଥିବା ସାଉଦି ଆରାମକୋର ଏକ ପ୍ରମୁଖ ତୈଳ ବିଶୋଧନାଗାର ହୁଥି ଆକ୍ରମଣ ଯୋଗୁଁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି ଏବଂ ଏହାକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି । ଲୋହିତ ସାଗର ଦେଇ ଗତି କରୁଥିବା 'ଏନସିସି ଗଜାଲ, 'ଏନସେଲିଆ' ଓ 'ଲୈଲା' ନାମକ ସାଉଦି ତୈଳ ଟ୍ୟାଙ୍କରଗୁଡ଼ିକୁ ହୁଥି ଗୋଷ୍ଠୀ ମିସାଇଲ ମାଡ଼ କରି ଫେରିଯିବାକୁ ବାଧ୍ୟ କରିଛନ୍ତି । ହୁଥିମାନେ ସାଉଦି ଆରବ ବିପକ୍ଷରେ ସାମୁଦ୍ରିକ ଅବରୋଧ ଘୋଷଣା କରିଛନ୍ତି । ଅନ୍ୟପଟେ ସାଉଦି ପାଟ୍ରିଅଟ୍ ମିସାଇଲ୍ ପ୍ରତିରକ୍ଷା ବ୍ୟବସ୍ଥା କେତେକ ମିସାଇଲକୁ ଆକାଶରେ ଧ୍ୱଂସ କରିଦେଇଛି ।

# ୧୯ ବର୍ଷ ପରେ କୋଲକାତା ଫେରିଲେ ତସଲିମା

କୋଲକାତା, ୦୧/୦୮ : ଦୀର୍ଘ ୧୯ ବର୍ଷ ପରେ କୋଲକାତାକୁ ଫେରିଛନ୍ତି ବିବାଦୀୟ ତଥା ବାଂଲାଦେଶରୁ ନିର୍ବାସିତ ଲେଖିକା ତସଲିମା ନସରିନ୍ । ଶୁକ୍ରବାର ସୋସିଆଲ ମିଡିଆରେ ନିଜ ଆଗମନର ତସଲିମା ସୂଚନା ଦେଇଥିଲେ । ତାଙ୍କୁ ସ୍ୱାଗତ କରିବା ପାଇଁ କୋଲକାତା ସହରସାରା ବଡ଼ ବଡ଼ ସ୍ୱାଗତ ମୂଳକ ହୋର୍ଡିଂ ଲଗାଯାଇଥିଲା । ଏହା ସହ ଶଙ୍ଖ ଧ୍ୱନି ଓ ହୁଳହୁଳି ମଧ୍ୟରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ନିଜର ଏହି ଫେରନ୍ତା ଯାତ୍ରାକୁ ସେ ଏକ 'ଭାବପ୍ରବଣ ଘର ୱାପସୀ' ବୋଲି ଅଭିହିତ କରିଛନ୍ତି । ବିମାନବନ୍ଦରରେ ସେ ହାତ ଯୋଡ଼ି ମୋତେ ଫେରିଆସି ବହୁତ ଭଲ ଲାଗୁଛି ବୋଲି ପ୍ରତିକ୍ରିୟା ଦେଇଛନ୍ତି । ଶନିବାର ସନ୍ଧ୍ୟାରେ କୋଲକାତାର ରବୀନ୍ଦ୍ର ସଦନଠାରେ 'ସିକ୍ୟୁଲାର ମିଶନ ଟ୍ରଷ୍ଟ' ଏବଂ 'ହ୍ୟୁମାନ ରାଇଟ୍ସ ଆଣ୍ଡ ବାଂଲାଦେଶ ଫ୍ରିଡମ୍ ଫାଇଟର୍ସ ଫାଉଣ୍ଡେସନ' ପକ୍ଷରୁ ଆୟୋଜିତ ଧାର୍ମିକ କଟ୍ଟରପନ୍ଥୀ ବିରୋଧୀ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

**ସେମିକନ୍ ୨.୦ : ଭାରତ ବନିବ ଚିପ୍ ହବ୍**

# ମୋବାଇଲ୍ ବିପ୍ଳବ ପାଇଁ ବଡ଼ ପ୍ୟାକେଜ୍

ନୂଆଦିଲ୍ଲୀ,୦୧/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦେଶର ଭିତ୍ତିଭୂମି ଓ ବୈଷୟିକ ବିକାଶ ପାଇଁ ମୋଟ ୨.୧୯ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ବୃହତ ନିଷ୍ପତ୍ତିରେ ଟେକ୍ନୋଲୋଜି, ଯୋଗାଯୋଗ ଏବଂ କୃଷି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦିଆଯାଇଛି । ଭାରତକୁ ଟେକ୍ନୋଲୋଜି ଦୁନିଆର ମହାଶକ୍ତି ବନାଇବା ପାଇଁ ଏହି ମିଶନକୁ ମଞ୍ଜୁରୀ ମିଳିଛି, ଯେଉଁଥିପାଇଁ ୧,୨୭,୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଦେଶରେ ସେମିକଣ୍ଡକ୍ଟର ଚିପ୍‌ର ଡିଜାଇନିଂ ଏବଂ ଘରୋଇ ଉତ୍ପାଦନ ଇକୋସିଷ୍ଟମକୁ ବ୍ୟାପକ ଭାବେ ବିକଶିତ କରାଯିବ । ମୋବାଇଲ୍



ଫୋନ୍ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ୬୨,୫୦୦ କୋଟି ଟଙ୍କା ମଞ୍ଜୁର ହୋଇଛି । 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ମୋବାଇଲ୍ ମାନୁଫ୍ୟାକ୍ଚରିଂ ହବ୍‌ରେ ପରିଣତ କରିବା ଏହାର ଲକ୍ଷ୍ୟ । ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ରେଳପଥର ଦୋହରୀକରଣ ପାଇଁ କ୍ୟାବିନେଟ୍ ୧,୩୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଓଡ଼ିଶା ଏବଂ ଝାଡ଼ଖଣ୍ଡର ପ୍ରାୟ ୪ଟି ଜିଲ୍ଲାକୁ ସଂଯୋଗ କରୁଥିବା ୧୪୫ କିଲୋମିଟର ଦୀର୍ଘ ରେଳ ନେଟୱାର୍କର ସମ୍ପ୍ରସାରଣ କରାଯିବ, ଯାହା ମାଲ୍ ପରିବହନ ଓ ଯାତ୍ରୀମାନଙ୍କ ପାଇଁ ବେଶ୍ ସହାୟକ ହେବ । ଦେଶରେ ୩ଟି ସ୍ୱତନ୍ତ୍ର କେମିକାଲ୍ ପାର୍କ ପ୍ରତିଷ୍ଠା ପାଇଁ ୩,୦୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ କେନ୍ଦ୍ର ସରକାର ପ୍ରତି ପାର୍କ ପାଇଁ ୧,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦେବେ ଏବଂ ସମ୍ପୃକ୍ତ ରାଜ୍ୟ ସରକାର ଅତିକମରେ ୫୦୦ କୋଟି ଟଙ୍କା ବହନ କରିବେ । କୃଷି କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ଏବଂ ରାସାୟନିକ ସାରର ସହଜ ଉପଲବ୍ଧତା ପାଇଁ ରାଷ୍ଟ୍ରୀୟ ୟୁରିଆ ନୀତି-୨୦୨୬ କୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ଉତ୍ତର ପ୍ରଦେଶର ବାରାଣସୀ ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ବରୁଣା ନଦୀ କୂଳେ କୂଳେ ଏନ୍‌ଏଚ୍-୩୧ ଏବଂ ବାରାଣସୀ ରିଙ୍ଗ ରୋଡ୍‌କୁ ସଂଯୋଗ କରୁଥିବା ପ୍ରାୟ ୪୩ କିଲୋମିଟର ଦୀର୍ଘ ୪/୬ ଲେନ୍ ବିଶିଷ୍ଟ ଏଲିଭେଟେଡ୍ କରିଡର ନିର୍ମାଣକୁ ସବୁଜ ସଙ୍କେତ ମିଳିଛି ।

" କରମ ଆପଣା ସାର, ଗ୍ରହ ଜେତେ ଥିଲେ ଘୋର,
ସମୟ ଚକ୍ରରେ ସବୁ ହୁଏ ପାର
ଭାଗ୍ୟକୁ ଆଦରି ବସିଲେ ନ ମିଳେ ଫଳ,
ଆଗୁଆ ଚିନ୍ତା ହିଁ ବୁଦ୍ଧିର ବଳ । "

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)



## ସମ୍ପାଦକୀୟ...

# ଯୁଦ୍ଧ ସ୍ଥିତି ଆଉ ଏକ ମହାଯୁଦ୍ଧରେ ରୂପାନ୍ତର ନହେଉ

ବିଶ୍ୱରେ ଏବେ ଚାଲିଛି ପ୍ରଭୁତ୍ୱ ଓ ପତିଆରା ପାଇଁ ଲଢ଼େଇ । ଏସିଆରୁ ୟୁରୋପ ଚାରିଆଡ଼େ ଅଶାନ୍ତ। କୋଟି କୋଟି ସାଧାରଣ ଜନତାଙ୍କ ଜୀବନ ସହ ଖେଳ ଖେଳାଯାଉଛି। ଏକ ଅନିଶ୍ଚିତତା ଓ ଆଉ ଏକ ସମ୍ଭାବ୍ୟ ବିଶ୍ୱଯୁଦ୍ଧ ସଙ୍କଟ ଭିତରକୁ ବିଶ୍ୱ ଠେଲି ହୋଇ ଚାଲିଛି। ଶାନ୍ତି ପାଇଁ ଯୁଦ୍ଧ ବିକଳ୍ପ ନୁହେଁ, ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଉପରେ ଆମେରିକା ପକାଇଥିବା ପରମାଣୁ ବୋମାର ପରିଣାମ ବୁଝାଇ ସାରିଥିବା ବେଳେ ବର୍ତ୍ତମାନର ବିଶ୍ୱରେ କିନ୍ତୁ ତଥା କଥିତ ବଡ଼ପଣ୍ଡାମାନେ ଏହାକୁ ଅଣଦେଖା କରି ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟ ଉପରେ ଯୁଦ୍ଧ ଲଦି ଦେଉଛନ୍ତି। ସେମାନେ ଏକଚ୍ଛତ୍ରବାଦୀ ଶାସକ ହୁଅନ୍ତୁ ବା ନିର୍ବାଚିତ ରାଷ୍ଟ୍ରମୁଖ୍ୟ, ଜିଦ୍ ଆଗରେ ଫିକା ପଡ଼ିଯାଉଛି କୋଟିକୋଟି ମଣିଷଙ୍କ ବହୁମୂଲ୍ୟ ଜୀବନ। ୫ବର୍ଷ ହେଲା ଚାଲିଛି ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଧ୍ୱଂସସ୍ତୂପ ୟୁକ୍ରେନ୍। ଦେଶର ଭବିଷ୍ୟତ ରସାତଳକୁ ଚାଲିଯାଇଛି। ହଜାର ହଜାର ଜନତା ପ୍ରାଣ ହରାଇଛନ୍ତି। ରୁଷିଆରେ ମଧ୍ୟ ସମାନ ସ୍ଥିତି। ଇସ୍ରାଏଲ ପକ୍ଷରୁ ଗାଜାରେ ହମାସ୍ ନିପାତ ଅଭିଯାନକୁ ୩ ବର୍ଷରୁ ଅଧିକ ସମୟ ହେଲାଣି। ଗାଜା ଛାରଖାର, ଭିଟାମାଟି ହରାଇଛନ୍ତି ଲକ୍ଷଲକ୍ଷ ଗାଜାବାସୀ କିନ୍ତୁ ଏହାର କୌଣସି ସମାଧାନ ନାହିଁ। ଏସବୁ ଭିତରେ ବର୍ତ୍ତମାନ ଚାଲିଛି ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ। ସମସ୍ତ ମଧ୍ୟପାଚ୍ୟକୁ ଛିନ୍ନଛତ୍ର କରିସାରିଲାଣି। ତୈଳ ଭିତ୍ତିଭୂମି, ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସବୁଠି ଧ୍ୱଂସର ପାଦଚିହ୍ନ।

ଏଭଳି ଯୁଦ୍ଧ ପ୍ରତିଯୋଗିତା ଏବେ ବିଶ୍ୱ ଭୂରାଜନୈତିକ ପରିସ୍ଥିତିକୁ ସଂକ୍ରମଣ କରିସାରିଲାଣି। କେବଳ ଆମେରିକା, ରୁଷିଆ, ଚାଇନା କିମ୍ବା ନର୍ଥ କୋରିଆର ରାଷ୍ଟ୍ରନେତା ନୁହନ୍ତି ଏଭଳି ଆତ୍ମବଡ଼ିମା ମୋହ ଅନେକ ଦେଶକୁ ଗ୍ରାସ କରିଛି। ୟୁକ୍ରେନ୍ ଓ ଇରାନ ବିରୋଧରେ ଯୁଦ୍ଧ ଜାରି ରହିଛି। ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ବଳ ଦେଖାଇ ବାନ୍ଧି ଆଣିଛି ଆମେରିକା, ଦକ୍ଷିଣ ଚାଇନା ସାଗରରେ ନିଜର ବିସ୍ତାରବାଦ ଜାରି ରଖିଛି ଚାଇନା, ୟୁକ୍ରେନ୍‌କୁ ସ୍ୱାଧୀନ ଭାବେ ବଂଚିବାକୁ ଦେଉନି ରୁଷିଆ । ଆଉ ବିଶ୍ୱ ନିୟମକୁ ଫୁ କରି ନିଜ ଇଚ୍ଛାରେ ଦେଶ ଚଳାଉଛନ୍ତି ଉତ୍ତର କୋରିଆ ଶାସକ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବି ଯୁଦ୍ଧ କରୁଛନ୍ତି। ପୁଟିନ୍ ବି ଯୁଦ୍ଧ କରୁଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଇରାନ ଓ ଲେବାନନକୁ ଧ୍ୱଂସ କରିବାକୁ ପ୍ରତିଜ୍ଞା କରିଛନ୍ତି। ସମସ୍ତେ ଯେମିତି ଜଙ୍ଗଲ ଭିତରେ ନିଜ ଶିକାର ପାଇଁ ପ୍ରତିଯୋଗିତା କରୁଛନ୍ତି। କିନ୍ତୁ ଏହି ସବୁ ଦେଶରେ ଥିବା ଜନତାଙ୍କ କଥା କେହି ଦିନେ ଭାବୁନାହାନ୍ତି। ସେମାନଙ୍କର ଦୋଷ କ'ଣ ? କାହିଁକି ସେମାନଙ୍କ ଉପରେ ଯୁଦ୍ଧ ଲଦି ଦିଆଯାଉଛି।

**ଅହଙ୍କାର ମାନବବାଦର**
**ମହା ଅଭିଶାପ**

ବିଶ୍ୱରେ ଆଧିପତ୍ୟ ରାଜନୀତି ଶେଷ ହେବା ଜରୁରୀ ବୋଲି ସମସ୍ତେ କହୁଛନ୍ତି। କିନ୍ତୁ ନିଜେ ଆଧିପତ୍ୟ ବିସ୍ତାର ପାଇଁ ରଣନୀତି ରଚୁଛନ୍ତି। ବିକଶିତ ଦେଶ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ଯୁଦ୍ଧ ପାଇଁ ନିଜ ଦେଶ ଭିତରେ ପ୍ରବଳ ବିରୋଧ ହେଉଛି। କିନ୍ତୁ ଟ୍ରମ୍ପ ଯୁଦ୍ଧରୁ ଓହରୁ ନାହାନ୍ତି। ଇରାନ ବିରୋଧରେ ଯୁଦ୍ଧ ବନ୍ଦ ହେବ କ'ଣ , ଏହାକୁ ଅତି ପ୍ରଚଣ୍ଡ କରିଛନ୍ତି ଟ୍ରମ୍ପ ପ୍ରଶାସନ। ଯୁଦ୍ଧ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କିଛି ନିଷ୍ପତ୍ତି ନେବା ଆଗରୁ ପ୍ରତ୍ୟେକ ଦେଶର କିଛି ନୀତି-ନିୟମ ରହିଥିବା ବେଳେ ଟ୍ରମ୍ପଙ୍କ ଲଗାମଛଡ଼ା ଯୁଦ୍ଧଖୋର ମନୋଭାବ ପଦାରେ ପଡିଯାଇଛି। ବିଲ୍ କ୍ଲିଣ୍ଟନ୍, ଜର୍ଜ ଡବ୍ଲ୍ୟୁ ବୁଶ୍, ବାରାକ୍ ଓବାମା ଏବଂ ଜୋ-ବାଇଡେନଙ୍କ ଭଳି ୪ ଜଣ ପୂର୍ବତନ ରାଷ୍ଟ୍ରପତି ଏବେ ଜୀବିତ ଅଛନ୍ତି। ତେଣୁ ଇରାନ ସହ ଯୁଦ୍ଧ ନେଇ ଟ୍ରମ୍ପ ସେମାନଙ୍କ ମତ ଲୋଡ଼ି ନ ଥିଲେ କାହିଁକି ? ବଡ଼ କଥା ହେଲା ଯୁଦ୍ଧ ବନ୍ଦ ପାଇଁ ଆମେରିକା କଂଗ୍ରେସରେ ପ୍ରସ୍ତାବ ପାରିତ ପରେ ବି ଟ୍ରମ୍ପ ଯୁଦ୍ଧ ବନ୍ଦ କରୁ ନାହାନ୍ତି ।

ବିଶ୍ୱର ୩ ସୁପର ପାଓ୍ୱାର ରୁଷିଆ- ଆମେରିକା- ଚାଇନା ଗୋଟିଏ ମାସରେ ବେଜିଂରେ ଏକାଠି ହୋଇ ଶାନ୍ତି ପାଇଁ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ କୂଟନୈତିକ ଯୁଦ୍ଧ ବନ୍ଦ ହୋଇନି। ଚାଇନା ଇରାନର ସମର୍ଥକ ରହିଛି। ରୁଷିଆ ମଧ୍ୟ ଇରାନକୁ ଯୁଦ୍ଧରେ ପରୋକ୍ଷ ସହଯୋଗ କରୁଛି। ସେପଟେ ୟୁକ୍ରେନ୍‌କୁ ବଳ ଦେଉଛି ନାଟୋ। ମସ୍କୋ ଉପରେ ନାଟୋ ସହାୟତାରେ କ୍ଷେପଣାସ୍ତ୍ର ମାଡ଼ କରୁଛି ୟୁକ୍ରେନ୍। ଯାହାର ଜବାବ ବାଲିଷ୍ଟିକ୍ ମିସାଇଲରେ ଦେଇଛି ରୁଷିଆ। ଇରାନ ଆମେରିକା ଶାନ୍ତି ରାଜିନାମାର ମଧ୍ୟସ୍ଥ ସାଜିଥିବା କାତାର ମଧ୍ୟ ଇରାନ ଆକ୍ରମଣରୁ ବାଦ୍ ପଡୁନି।

ଏସବୁ ଭିତରେ ଚଳିତ ମାସଠାରୁ ୟୁକ୍ରେନ୍ ଓ ରୁଷିଆ ଯୁଦ୍ଧ ଅଧିକ ଭୟଙ୍କର ସ୍ଥିତିକୁ ଚାଲି ଗଲାଣି। ଆଗକୁ କ'ଣ ହେବ ଏହି ଯୁଦ୍ଧକୁ ନେଇ ବିଶ୍ୱର ସ୍ଥିତି ।

ଯୁଦ୍ଧ ଲମ୍ବିବ ନା ଥମିବ। କିମ୍ବା ବିଶ୍ୱର ଏହି ଯୁଦ୍ଧ ସ୍ଥିତି ଆଉ ଏକ ମହାଯୁଦ୍ଧରେ ରୂପାନ୍ତର ହେବ। ବିଶ୍ୱକୁ ଅଶାନ୍ତ ଓ ଜଙ୍ଗଲରାଜ ସୃଷ୍ଟି ପଛରେ କାହାର ହାତ ଏହା ଘଣ୍ଟି ବାଡ଼େଇ କହିବା ଆବଶ୍ୟକ ନାହିଁ।

ବିଶ୍ୱବାସୀ ଠିକ୍ ବୁଝିଛନ୍ତି ଜଙ୍ଗଲରାଜ ପଛରେ କେବଳ ଆତ୍ମ ବଡ଼ିମା ଓ ପାଗଳାମୀ ବିଶ୍ୱକୁ ଧ୍ୱଂସମୁହାଁ କରାଇଛି। ବିଶ୍ୱ ଏକ ଲଗାମ ଛଡ଼ା ସ୍ଥିତି ଭିତରକୁ ଠେଲି ହୋଇଯାଇଥିବା ବେଳେ ସାଧାରଣ ଜନତାଙ୍କ ପାଇଁ ଖାଦ୍ୟ, ପାନୀୟ ଓ ତୈଳ ସଂକଟ ଆଗରୁ ଏକ ବୃହତ ଚିନ୍ତାର ବିଷୟ ହୋଇଛି। ତେଣୁ ବିଶାଳ ଜିଡିପିର ଗଣ୍ଡି ଭିତରେ ଯୁଦ୍ଧକୁ ଉପଭୋଗ କରୁଥିବା ବିକଶିତ ଦେଶର ରାଷ୍ଟ୍ରମୁଖ୍ୟମାନେ ନିଜେ ବଞ୍ଚି ସହ ଅନ୍ୟମାନଙ୍କୁ ବଞ୍ଚିବା ଅଧିକାର ଦେବା ଜରୁରୀ ହୋଇଛି।

# ମହାଭାରତ ସରିନାହିଁ: ଗଣତନ୍ତ୍ରର କୁରୁକ୍ଷେତ୍ରରେ ନାଗରିକଙ୍କ ଭୂମିକା



**ସିତାଂଶୁ ଶେଖର ମିଶ୍ର**
ଶାନ୍ତି ନଗର,ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

'ମହା ଭାରତଟା ସରି ନାହିଁ— ଏହି ଫଂକ୍ତିଟି ଆଜିର ସାମାଜିକ ଓ ରାଜନୈତିକ ବାସ୍ତବତାର ଏକ ଗଭୀର ରୂପକ। ମହାଭାରତର ଯୁଦ୍ଧ ଯଦିଓ ଇତିହାସ ଓ ପୁରାଣର ପୃଷ୍ଠାରେ ସମାପ୍ତ ହୋଇଛି, କିନ୍ତୁ ନ୍ୟାୟ ଓ ଅନ୍ୟାୟ, ସତ୍ୟ ଓ ମିଥ୍ୟା, ନୀତି ଓ କପଟ ମଧ୍ୟରେ ସଂଘର୍ଷ ଆଜି ମଧ୍ୟ ଅବ୍ୟାହତ ରହିଛି। କେବଳ ପାତ୍ର ବଦଳିଛନ୍ତି, ମଞ୍ଚ ବଦଳିଛି । କିନ୍ତୁ ସଂଘର୍ଷର ସ୍ୱରୂପ ବଦଳିନାହିଁ । ଆଜିର ଗଣତାନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ଆମେ ଅନେକ 'ଧୃତରାଷ୍ଟ୍ର'ଙ୍କୁ ଦେଖୁଛୁ, ଯେଉଁମାନେ ଦଳୀୟ ସ୍ୱାର୍ଥ କିମ୍ବା କ୍ଷମତାର ମୋହରେ ସତ୍ୟକୁ ଦେଖିବାକୁ ଅସମର୍ଥ। 'ଗାନ୍ଧାରୀ'ଙ୍କ କଣ୍ଠ ଆଜି ମଧ୍ୟ ରୁଦ୍ଧ, କାରଣ ସାଧାରଣ ଲୋକଙ୍କ ଅଭିଯୋଗ, ଯନ୍ତ୍ରଣା ଓ ଆଶଙ୍କା ପ୍ରାୟତଃ କ୍ଷମତାର କୋଳାହଳ ମଧ୍ୟରେ ହଜିଯାଏ। ଆଇନ ଓ ପ୍ରଶାସନ ଉପରେ ଲୋକଙ୍କ ବିଶ୍ୱାସ ରହିଥିଲେ ମଧ୍ୟ, ବେଳେବେଳେ ଏହା ନିରପେକ୍ଷତା ହରାଇ ଦେଉଥିବାର ଅଭିଯୋଗ ଉଠେ, ଯାହା ଗଣତନ୍ତ୍ର ପାଇଁ ଚିନ୍ତାର ବିଷୟ।

ଏବେ ମଧ୍ୟ 'ଶକୁନି' ଆଜିର ରାଜନୀତିରେ କପଟ, ପ୍ରଚାରବାଦ ଓ ଭ୍ରମ ସୃଷ୍ଟିକାରୀ ଶକ୍ତିର ପ୍ରତୀକ। ସୂଚନା ପ୍ରଯୁକ୍ତିର ଏହି ଯୁଗରେ ମିଥ୍ୟା ପ୍ରଚାର, ଅର୍ଦ୍ଧସତ୍ୟ ଓ ବିଭାଜନମୂଳକ ବକ୍ତବ୍ୟ ଅନେକ ସମୟରେ ଜନମତକୁ ପ୍ରଭାବିତ କରୁଛି। ଫଳରେ ଜନସ୍ୱାର୍ଥର ପ୍ରକୃତ ପ୍ରସଙ୍ଗଗୁଡ଼ିକ ପଛକୁ ଚାଲିଯାଉଛି ଏବଂ ଲୋକମାନେ ଭାବନା ଓ ପ୍ରଚାରର ଜାଲରେ ବାନ୍ଧି ହୋଇପଡୁଛନ୍ତି।

'ଅଭିମନ୍ୟୁଙ୍କ ଭାଗ୍ୟ ବନ୍ଦୀ' ଭାବରେ ଆଜିର ଯୁବପିଢ଼ିର ପରିସ୍ଥିତିକୁ ସ୍ମରଣ କରାଏ। ଶିକ୍ଷା, ନିଯୁକ୍ତି, ଦକ୍ଷତା ବିକାଶ ଓ ସୁଯୋଗର ପ୍ରତିଯୋଗିତା ମଧ୍ୟରେ ଅନେକ ଯୁବକ-ଯୁବତୀ ଅନିଶ୍ଚିତତାର ଚକ୍ରବ୍ୟୂହରେ ଅଟକି ଯାଉଛନ୍ତି। ସେମାନଙ୍କର ସ୍ୱପ୍ନ ଓ ସାମର୍ଥ୍ୟକୁ ଉପଯୁକ୍ତ ପରିବେଶ ନ ମିଳିଲେ ରାଷ୍ଟ୍ରର ଭବିଷ୍ୟତ ମଧ୍ୟ ପ୍ରଭାବିତ ହେବ।

ସେହିପରି 'ଦ୍ରୌପଦୀଙ୍କୁ ଘାରେ ଦୁଃଶାସନ ଭୟ' ଆଜିର ସମାଜରେ ନାରୀ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପ୍ରଶ୍ନକୁ ସାମ୍ନାକୁ ଆଣେ। ବିଜ୍ଞାନ ଓ ପ୍ରଗତିର ଯୁଗରେ ମଧ୍ୟ ନାରୀଙ୍କ ବିରୋଧରେ ହିଂସା ଓ ଅପରାଧ ଘଟିବା ଆମ ସାମାଜିକ ବିବେକକୁ ପ୍ରଶ୍ନବିଦ୍ଧ କରୁଛି। ନ୍ୟାୟ ବିଳମ୍ବିତ ହେଲେ କିମ୍ବା ପୀଡ଼ିତଙ୍କ ସ୍ୱର ଅବହେଳିତ ହେଲେ, ଗଣତନ୍ତ୍ରର ମୂଳ ଆଦର୍ଶ ଦୁର୍ବଳ ହୋଇପଡ଼େ।

ତେବେ ଏହି ମହାଭାରତର ଶେଷ କେମିତି ହେବ? 'ଆଙ୍ଗୁଠିରେ ହେଉ ଯୁଦ୍ଧ'। ଗଣତନ୍ତ୍ରରେ ପରିବର୍ତ୍ତନର ସବୁଠାରୁ ବଡ଼ ଅସ୍ତ୍ର ହେଉଛି ମତଦାନ। ଏଠାରେ ଯୁଦ୍ଧ ଅସ୍ତ୍ରର ନୁହେଁ, ଚେତନାର; ସଂଘର୍ଷ ହିଂସାର ନୁହେଁ, ସଚେତନ ନାଗରିକତାର।ମତଦାତା ଯଦି ଜାତି, ଧର୍ମ, ଦଳୀୟ ଭାବାବେଗ କିମ୍ବା ତତ୍କାଳିକ ପ୍ରଲୋଭନ ଉପରେ ଉଠି ବିକାଶ, ସ୍ୱଚ୍ଛତା, ଦକ୍ଷତା ଓ ଉତ୍ତରଦାୟିତ୍ୱକୁ ଆଧାର କରି ନିଷ୍ପତ୍ତି ନେବେ, ତେବେ ଗଣତନ୍ତ୍ର ଅଧିକ ସୁଦୃଢ଼ ହେବ।

ଭାରତ ଓ ଆମ ରାଜ୍ୟର ଗଣତାନ୍ତ୍ରିକ ଯାତ୍ରା ଅନେକ ସଫଳତା ହାସଲ କରିଛି, କିନ୍ତୁ ଚ୍ୟାଲେଞ୍ଜ ମଧ୍ୟ କମ୍ ନୁହେଁ। ଦୁର୍ନୀତି, ରାଜନୈତିକ ଧ୍ରୁବୀକରଣ, ପରସ୍ପର ବୈରିତା, ସାମାଜିକ ଅସହିଷ୍ଣୁତା ଏବଂ ଜନସ୍ୱାର୍ଥ ପ୍ରତି ଅବହେଳା ଭଳି ପ୍ରବୃତ୍ତିଗୁଡ଼ିକ ଯେକୌଣସି ଗଣତନ୍ତ୍ର ପାଇଁ ଚିନ୍ତାଜନକ ଓ ଅଶୁଭ ସଙ୍କେତ।ଏହାର ପ୍ରତିକାର କେବଳ ସରକାର କିମ୍ବା ବିରୋଧୀ ଦଳ ନୁହେଁ, ବରଂ ସଚେତନ ନାଗରିକ ସମାଜ, ସ୍ୱାଧୀନ ଗଣମାଧ୍ୟମ ଓ ଦାୟିତ୍ୱବାନ ଭୋଟରଙ୍କ ହାତରେ ରହିଛି।

ଅତଏବ, ମହାଭାରତ ସରିନାହିଁ ବୋଲି ନିରାଶ ହେବାର କାରଣ ନାହିଁ। ବରଂ ଏହା ଆମକୁ ସତର୍କ କରେ ଯେ, ପ୍ରତ୍ୟେକ ପିଢ଼ିକୁ ନିଜ ନିଜ କୁରୁକ୍ଷେତ୍ରରେ ନ୍ୟାୟ, ସତ୍ୟ ଓ ନୈତିକତା ପାଇଁ ସଂଘର୍ଷ କରିବାକୁ ପଡ଼େ। ଯେଉଁଦିନ ନାଗରିକ ଚେତନା ସ୍ୱାର୍ଥ ଓ ନିଷ୍କ୍ରିୟତାକୁ ପରାସ୍ତ କରିବ, ସେଦିନ ଏହି ଆଧୁନିକ ମହାଭାରତର ଏକ ଶୁଭ ପରିଣତି ସମ୍ଭବ ହେବ। ସେହି ଦିନ ପାଇଁ ଆଜିଠାରୁ ହିଁ ସଚେତନତା, ସହଭାଗିତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ।

# ବନ୍ୟା ପରେ ବିକାଶ କେଉଁଠି ?





**ଇଂ ଲକି ସ୍ୱାଇଁ**
ଭୁବନେଶ୍ୱର
ଦୁରଭାଷ- ୯୭୭୬୨୧୦୬୩୩

ପ୍ରତିବର୍ଷ ବନ୍ୟା ଆସୁଛି, ରିଲିଫ ମିଳୁଛି । କିନ୍ତୁ ସ୍ଥାୟୀ ସମାଧାନ, ଆଧୁନିକ ପ୍ରଯୁକ୍ତି ଓ ଦୀର୍ଘମିଆଦି ଯୋଜନା କେଉଁଠି ? ବନ୍ୟା ପରି ବିପର୍ଯ୍ୟୟର ମୁକାବିଲା ପାଇଁ ଆମେ ପ୍ରକୃତରେ ବିକଶିତ କି ? ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରେ,ଏ ବର୍ଷ ବନ୍ୟା କେତେ କ୍ଷତି କରିବ ? ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଏ, ବନ୍ଧ ଉପରେ ଚାପ ବଢ଼େ, ଗାଁ ଜଳମଗ୍ନ ହୁଏ, ଫସଲ ନଷ୍ଟ ହୁଏ, ରାସ୍ତାଘାଟ ବିଚ୍ଛିନ୍ନ ହୋଇଯାଏ ଏବଂ ହଜାର ହଜାର ପରିବାର ରିଲିଫ ଶିବିରର ଆଶ୍ରୟ ନେବାକୁ ବାଧ ହୁଅନ୍ତି। ଏହା ପରେ ସରକାରୀ ଯନ୍ତ୍ରଣା ସକ୍ରିୟ ହୁଏ। ଉଦ୍ଧାରକାର୍ଯ୍ୟ ଆରମ୍ଭ ହୁଏ, ରିଲିଫ ସାମଗ୍ରୀ ବଣ୍ଟନ କରାଯାଏ ଏବଂ କ୍ଷତିଗ୍ରସ୍ତଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଏ। ଏହି ତତ୍ପରତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହା ସହିତ ଏକ ମୌଳିକ ପ୍ରଶ୍ନ ମଧ୍ୟ ଉଠେ।

ପ୍ରତିବର୍ଷ ସମାନ ଗାଁ, ସମାନ ଲୋକ ଓ ସମାନ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହେଉଥିଲେ, ରିଲିଫ ବଣ୍ଟନକୁ ହିଁ କି ବିକାଶ କୁହାଯାଇପାରିବ ?

ବନ୍ୟା ଏକ ପ୍ରାକୃତିକ ବିପର୍ଯ୍ୟୟ ହୋଇପାରେ, କିନ୍ତୁ ପ୍ରତିବର୍ଷ ସମାନ କ୍ଷତିର ପୁନରାବୃତ୍ତି କେବଳ ପ୍ରକୃତିର ଦୋଷ ନୁହେଁ। ଏହା ଦୀର୍ଘମିଆଦି ଯୋଜନାର ଅଭାବ, ଅବକାଠାର ଦୁର୍ବଳତା, ନଦୀ ପରିଚାଳନାର ସୀମାବଦ୍ଧତା ଏବଂ ଆଧୁନିକ ପ୍ରଯୁକ୍ତିର ଅପର୍ଯ୍ୟାପ୍ତ ବ୍ୟବହାରକୁ ମଧ୍ୟ ସୂଚିତ କରେ। ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଋଷିକୂଲ୍ୟା ନଦୀ ଅବବାହିକାରେ ଥିବା ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ ଓ ଗଞ୍ଜାମ ପରି ଜିଲ୍ଲାଗୁଡ଼ିକ ପ୍ରାୟ ପ୍ରତିବର୍ଷ ବନ୍ୟାର କ୍ଷତି ସହୁଛନ୍ତି। ବନ୍ୟା ଏଠାରେ ଏକ ଅସ୍ଥାୟୀ ବିପର୍ଯ୍ୟୟ ନୁହେଁ, ବରଂ ଏକ ପୁନରାବୃତ୍ତ ବିକାଶଗତ ଆହ୍ୱାନ। ଆଜି ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା ( ଏଆଇ ) , ଉପଗ୍ରହ ପ୍ରଯୁକ୍ତି, ଡ୍ରୋନ୍ ନିରୀକ୍ଷଣ, ବାସ୍ତବ ସମୟରେ ନଦୀର ଜଳସ୍ତର ଅନୁଧ୍ୟାନ, ସ୍ୱୟଂଚାଳିତ ଜଳ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ବୈଜ୍ଞାନିକ ପୂର୍ବାନୁମାନ ପ୍ରଣାଳୀର ଯୁଗରେ ପହଞ୍ଚି ସାରିଛି। ଏହି ପ୍ରଯୁକ୍ତିଗୁଡ଼ିକ କେବଳ ବନ୍ୟାର ସୂଚନା ଦେଉନାହିଁ, ବରଂ କ୍ଷୟକ୍ଷତିକୁ ଅନେକାଂଶରେ ହ୍ରାସ କରିବାରେ ସହାୟକ ହେଉଛି।

ବିଶ୍ୱର ଅନେକ ଦେଶ ଏହାର ଉଦାହରଣ ସୃଷ୍ଟି କରିଛନ୍ତି। ନେଦରଲ୍ୟାଣ୍ଡ ତାହାର ଅଧିକାଂଶ ନିମ୍ନାଞ୍ଚଳକୁ ଆଧୁନିକ ବନ୍ଧ, ବୈଜ୍ଞାନିକ ଜଳ ପରିଚାଳନା ଏବଂ 'ନଦୀକୁ ସ୍ଥାନ ଦିଅ' ନୀତି ମାଧ୍ୟମରେ ସୁରକ୍ଷିତ କରିଛି। ଜାପାନ ବିଶାଳ ଭୂତଳସ୍ଥ ଜଳ ସଂରକ୍ଷଣ ପ୍ରକଳ୍ପ, ସ୍ୱୟଂଚାଳିତ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ସତର୍କୀକରଣ ପ୍ରଣାଳୀ ମାଧ୍ୟମରେ ବନ୍ୟାଜନିତ କ୍ଷତିକୁ ଅନେକ କମାଇଛି। ବାଂଲାଦେଶ ପୂର୍ବ ସତର୍କୀକରଣ, ସମୁଦାୟଭିତ୍ତିକ ପ୍ରସ୍ତୁତି ଏବଂ ଉଚ୍ଚ ଆଶ୍ରୟକେନ୍ଦ୍ର ମାଧ୍ୟମରେ ବନ୍ୟାରେ ପ୍ରାଣହାନିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିଛି। ଚୀନ 'ସ୍ପଞ୍ଜ ସିଟି' ଧାରଣା ମାଧ୍ୟମରେ ବର୍ଷାଜଳର ପ୍ରାକୃତିକ ଶୋଷଣ ଓ ସହରୀୟ ଜଳାବଦ୍ଧତା ନିୟନ୍ତ୍ରଣରେ ନୂତନ ମାନଦଣ୍ଡ ସୃଷ୍ଟି କରିଛି।

ତେବେ ପ୍ରଶ୍ନ ହେଉଛି, ଓଡ଼ିଶାରେ ଏହି ଆଧୁନିକ ପ୍ରଯୁକ୍ତି ଓ ବୈଜ୍ଞାନିକ ମଡେଲର ବ୍ୟାପକ ପ୍ରୟୋଗ କେବେ ହେବ ? କେଉଁଠି ନଦୀର ଜଳସ୍ତରର ଆଧୁନିକ ନିରୀକ୍ଷଣ ବ୍ୟବସ୍ଥା ? କେଉଁଠି ସ୍ଥାୟୀ ଓ ବୈଜ୍ଞାନିକ ଭାବେ ନିର୍ମିତ ବନ୍ୟା ପ୍ରତିରୋଧ ବନ୍ଧ ? କେଉଁଠି ନଦୀ ଅବବାହିକାର ସମନ୍ୱିତ ପରିଚାଳନା ? କେଉଁଠି ବନ୍ୟାପ୍ରବଣ ଅଞ୍ଚଳର ସ୍ଥାୟୀ ସୁରକ୍ଷା ଯୋଜନା ? କେଉଁଠି ଜଳବାୟୁ ପରିବର୍ତ୍ତନକୁ ଆଧାର କରି ପ୍ରସ୍ତୁତ ଦୀର୍ଘମିଆଦି ନୀତି ?

ବନ୍ୟା ସମୟରେ ରିଲିଫ ବଣ୍ଟନ କରିବା ସରକାରଙ୍କ କର୍ତ୍ତବ୍ୟ। କିନ୍ତୁ ତା'ଠାରୁ ବଡ଼ କର୍ତ୍ତବ୍ୟ ହେଉଛି ଏଭଳି ବ୍ୟବସ୍ଥା ଗଢ଼ି ତୋଳିବା, ଯେଉଁଠାରେ ପ୍ରତିବର୍ଷ ସେହି ଲୋକମାନେ ରିଲିଫ ଉପରେ ନିର୍ଭର କରିବାକୁ ବାଧ ନ ହୁଅନ୍ତି। ଏକ ବିକଶିତ ରାଜ୍ୟର ପରିଚୟ କେବଳ ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ରାଜପଥ କିମ୍ବା ଶିଳ୍ପ ପ୍ରତିଷ୍ଠାନରେ ସୀମିତ ନୁହେଁ। ପ୍ରକୃତ ବିକାଶର ପରିଚୟ ସେତେବେଳେ ମିଳେ, ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ମଧ୍ୟ ଜନଜୀବନ ସୁରକ୍ଷିତ ରହେ। ଆଜି ଆବଶ୍ୟକ ଦଶବର୍ଷିଆ ସମନ୍ୱିତ ବନ୍ୟା ପରିଚାଳନା ନୀତି, ଯେଉଁଥିରେ ବୈଜ୍ଞାନିକ ନଦୀ ପରିଚାଳନା, ସ୍ଥାୟୀ ବନ୍ଧ ନିର୍ମାଣ, ନଦୀ ପଙ୍କ ଅପସାରଣ, କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବନ୍ୟା ପୂର୍ବାନୁମାନ, ଆଧୁନିକ ସତର୍କୀକରଣ ବ୍ୟବସ୍ଥା, ଉନ୍ନତ ଜଳ ନିଷ୍କାସନ ପ୍ରଣାଳୀ ଏବଂ ବନ୍ୟାପ୍ରବଣ ଅଞ୍ଚଳର ସ୍ଥାୟୀ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ଉଚିତ। ଓଡ଼ିଶା ବାତ୍ୟା ପରିଚାଳନାରେ ବିଶ୍ୱର ପ୍ରଶଂସା ଅର୍ଜନ କରିଛି। ଏବେ ସମୟ ଆସିଛି ବନ୍ୟା ପରିଚାଳନାରେ ମଧ୍ୟ ଦେଶ ଓ ବିଶ୍ୱ ପାଇଁ ଏକ ଆଦର୍ଶ ସୃଷ୍ଟି କରିବାର।

ରିଲିଫ ଲୋକଙ୍କୁ ବଞ୍ଚାଇପାରେ। କିନ୍ତୁ ଦୂରଦର୍ଶୀ ଯୋଜନା, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ଆଧୁନିକ ପ୍ରଯୁକ୍ତି ହିଁ ବାରମ୍ବାର ଆସୁଥିବା ବନ୍ୟାର ବିନାଶରୁ ଭବିଷ୍ୟତକୁ ସୁରକ୍ଷିତ କରିପାରିବ।

ଶେଷରେ ପ୍ରଶ୍ନ ମାତ୍ର ଗୋଟିଏ—ପ୍ରତିବର୍ଷ ବନ୍ୟା ଆସିବ ବୋଲି ଯେତେବେଳେ ଆମେ ଜାଣୁଛୁ, ତେବେ ଆମର ପ୍ରସ୍ତୁତି କେବଳ ରିଲିଫ ପାଇଁ କାହିଁକି, ସ୍ଥାୟୀ ସମାଧାନ ପାଇଁ କାହିଁକି ନୁହେଁ ?

# ଧର୍ମେନ୍ଦ୍ର ପ୍ରଧାନଙ୍କ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା - ବହୁତ ବିଳମ୍ବ, ବହୁତ କମ୍



**ଅଭିଷେକ ଯୋଶୀ**
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ଧର୍ମେନ୍ଦ୍ର ପ୍ରଧାନଙ୍କ ଶିକ୍ଷା ମନ୍ତ୍ରୀପଦରୁ ଇସ୍ତଫା ପାଇଁ ଏହାକୁ ସେହି ପ୍ରଚଳିତ ବାକ୍ୟ ସଫଳତାର ସହିତ ସାକ୍ଷ୍ୟ ମିଳିଛି — 'ବହୁତ କମ୍, ବହୁତ ବିଳମ୍ବ'। ଏହି ଇସ୍ତଫା ଅନୁମାନ କରାଯାଏ ଯେ ଏହା କମ ଓ ଗୋଟିଏ ମାସ ପୂର୍ବରୁ ହେବା ଉଚିତ ଥିଲା; ଏବେ ଏହାକୁ ବିଳମ୍ବ ଦିଆଯିବା ଏକ ପ୍ରାଚୀନ ଓଡ଼ିଆ କଥା ସହ ସମାନ। 'ନେଢ଼ି ଗୁଡ଼ କହୁଣିକୁ ବୋହି ଯାଇଛି' ଅର୍ଥାତ୍ ଖଜୁର ର ଗୁଡ଼ କହୁନି ପର୍ଯ୍ୟନ୍ତ ବହିଗଲା, ଯାହାକି ପୁଣି ପ୍ରତ୍ୟାବର୍ତ୍ତନ ଅସମ୍ଭବ।

ଇଂରାଜୀରେ ଅସାଧାରଣ ଗୋଟିଏ ଅଭିହତି ଅଛି — "NERO FIDDLES WHILE ROME WAS BURNING" — ଇତିହାସରେ ରୋମ୍ ଜଳିବା ସମୟରେ ନିରୋଙ୍କ ଅକର୍ମଣ୍ୟତାର ଉଦାହରଣ ଦିଆଯାଇଛି। ସେ ନିଆଁ ବଢ଼ିବା ପର୍ଯ୍ୟନ୍ତ ପ୍ରତୀକ୍ଷା କଲେ। ସମ୍ଭବତଃ ଆଧୁନିକ ସମୟର ନିରୋଙ୍କର ଉପଦେଶକମାନେ ତାଙ୍କୁ ଜଣାଇ ନଥିଲେ ଯେ, ଟାଳିବା ଏକ କାର୍ଯ୍ୟ ନୁହେଁ। ଦ୍ୱାଦଶ ବର୍ଷର ଶାସନ ମଧ୍ୟରେ ଆତ୍ମ ସନ୍ତୋଷ, ଦକ୍ଷତା ନିଷ୍ଠାର ଅଭାବ ଓ ଅହଙ୍କାର ଉଦ୍ଭବ ହୋଇପାରେ; ତେଣୁ ଶକ୍ତିର ସତ୍ୟ ନାୟକମାନେ ଯେଉଁମାନେ ଦୁଇ ମୁଖୀ ସଂଯୁକ୍ତ ନେତୃତ୍ୱରେ ଦେଶ ଚାଲାଉଛନ୍ତି। ଏହି ଦୁର୍ବଳତାକୁ ଦେଖିବାକୁ ଚାହୁ ନଥିଲେ।

ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ସ୍ଥାପନ କରିବା, ବିଶେଷକରି ଜେନ୍ ଜି ତ ଯୁବକମାନଙ୍କ ସହ ସଂବେଦନଶୀଳ ପ୍ରକ୍ରିୟା। ସେମାନେ ଯୁବ ଅବସ୍ଥାରେ ଅବସ୍ଥିତ, ଭାବନାରେ ସୂକ୍ଷ୍ମ ଓ ଉତ୍ସାହପୂର୍ଣ୍ଣ। ସେମାନଙ୍କ ସହ କୌଣସି କଠୋର ବ୍ୟବହାର ବ୍ୟବସ୍ଥା ନଷ୍ଟ କରିପାରେ। ତାଙ୍କୁ ଯେପରିକି 'ହ୍ୟାଣ୍ଡଲ୍ ୱିଥ କେୟାର' ଲେଖା ଥିବା କାଚର ବକ୍ସ ପରି ସହଜଭାବରେ ରଖିବା ଦରକାର। ସେମାନେ କୃଷକ ନୁହେଁ, ଯାହାଙ୍କୁ ସହଜରେ ଦେଶଦ୍ରୋହୀ ବା ଭୟାବହ ଶ୍ରେଣୀରେ ରଖାଯିବ । ନ ହେଲେ ୫ଓଜ ବିରୋଧୀ ଯାହାଙ୍କୁ ବିଦେଶୀ ପ୍ରଭାବ ଅଭିଯୋଗ ଲାଗିବ। ଏହି ଛାତ୍ର - ଛାତ୍ରୀ ଆମ ଝିଅ-ପୁଅ ପରି ସାଧାରଣ ଛାତ୍ରଛାତ୍ରୀ ସ୍ୱପ୍ନ, ଆକାଂକ୍ଷା ଏବଂ ଆଶାର ନେତୃତ୍ୱ ରଖନ୍ତି। ଘରରଞ୍ଜ ପରୀକ୍ଷା ପେପର ଲିକ୍ ତାଙ୍କର ସ୍ୱପ୍ନକୁ ଦୁଃସ୍ୱପ୍ନରେ ପରିଣତ କରି ଦେଇଛି। ତାଙ୍କର ବିରୋଧ ସୃଜନାତ୍ମକ ଓ ଅଧିକାଂଶ ଅହିଂସାପୂର୍ଣ୍ଣ ରହିଛି। ଏହି ଯୁବକମାନେ ଏକ ବିଜୁଳି ତାର ପରି । ଛୁଇଁଲେ ଦୁର୍ଘଟଣା ଘଟିପାରେ। ତାଙ୍କ ଉପରେ ଶକ୍ତି ପ୍ରୟୋଗ କରିବା, ଜୀବନ୍ତ ସାପର ଲାଙ୍ଗୁଡ଼ ଉପରେ ପାଦ ରଖିବା ସଦୃଶ । ଯାହା ତୀବ୍ର ପ୍ରତିକ୍ରିୟା ଉତ୍ପନ୍ନ କରିପାରେ। ସରକାର ଏହି ପ୍ରକୃତତ୍ୱକୁ ଅନୁଦୃଷ୍ଟ କରିନଥିଲା ଓ ତାହାର ପରିଣାମ ଭୋଗ କରିବାକୁ ପଡ଼ିଛି।

ବର୍ତ୍ତମାନ ସମୟ ସୋସିଆଲ୍ ମିଡ଼ିଆର। ଆପଣ ପସନ୍ଦ କରନ୍ତୁ କି ଘୃଣା କରନ୍ତୁ, ସୋସିଆଲ୍ ମିଡ଼ିଆକୁ ଅପେକ୍ଷା କରିବା ଭୟାଭୟ। ଗୋଟିଏ ସ୍ମାର୍ଟଫୋନ୍ ମାଧ୍ୟମରେ ପ୍ରତ୍ୟେକ ନାଗରିକ ଏକ ସୂଚକ ରିପୋର୍ଟର ହୋଇ ପାରିଛି। ଫଟୋ କିମ୍ବା ଭିଡିଓ ସେକେଣ୍ଡ ମଧ୍ୟରେ ବିଶ୍ୱକୁ ଘୁରେ। ଏହା ସେହି ୧୯୮୦-୧୯୯୦ ଯୁଗର ପିଢ଼ୀ ନୁହେଁ ଯେଉଁଥିରେ ପୁଲିସ ହିଂସା ଲୁଚି ଯାଉଥିଲା। ଦିଲ୍ଲୀ ପୁଲିସର ଅତିରିକ୍ତ ଡିସିପି ସନ୍ଦୀପ ଲମ୍ବାଙ୍କ ଗୋଟିଏ ଭିଡିଓ ଯେଉଁଥିରେ ତାଙ୍କୁ ରେଭେନ୍ ମେଟା ଏଆଇ ସ୍ମାର୍ଟ ଗ୍ଲାସ ପିନ୍ଧି ଏକ ଛାତ୍ରୀଙ୍କୁ ଚାପୁଡ଼ା ମାରିବା ଓ ନିଜ ପୋଲିସ କର୍ମୀ କୁ "ହାଡ଼ ଭାଙ୍ଗିଦିଅ" ବୋଲି ଆଦେଶ ଦେଉଥିବା ଦୃଶ୍ୟ ଦେଖାଯାଇଛି —ଯାହା ଅତ୍ୟନ୍ତ ଲଜ୍ଜାଜନକ।

ରାଜନୈତିକ ଦୃଷ୍ଟିକୋଣରୁ କିଛି ଲୋକ ଅନେକଥର ଶିକ୍ଷା ସମ୍ବନ୍ଧୀୟ ସମସ୍ୟାକୁ ଅବହେଳା କରନ୍ତି। ସାର୍ବଭୌମ ଶିକ୍ଷା ଗୋଟିଏ ମୂଳଭୂତ ମାନବ ଅଧିକାର; ପ୍ରତ୍ୟେକ ପିଲା ଏହାର ଅଧିକାରୀ। ଯଦି କେହି ଏହା ଉପରେ ଆଲୋଚନା କରନ୍ତି, ତେବେ ସରକାରୀ ଦଳ ସମର୍ଥକ ମାନେ ତାଙ୍କୁ ଲେଫ୍ଟିସ୍ଟ, ନାସ୍ତିକ କିମ୍ବା ଦେଶଦ୍ରୋହୀ ଘୋଷିତ ସଜେଇ ଦିଅନ୍ତି ଓ ଲୋକଙ୍କ ମନରୁ ତାଙ୍କୁ ଦୂରକରି ଦିଆଯାଏ। ଖବର ଅନୁସାରେ, ଗତ ଦଶକ ଗୁଡ଼ିକରେ ଅନେକ ପ୍ରଶ୍ନପତ୍ର ଲିକ୍ ଘଟଣା ବର୍ଣ୍ଣିତ; ତଥାପି କେବେ ଏପରି ବିଶାଳ ଲୋକ ଆକ୍ରୋଶ ଦେଖାଗଲା ନାହିଁ। ଏଥର ସରକାର ନିର୍ବାକ ଭାବେ ଦେଖିଲେ ଯେ ପରିସ୍ଥିତି କେମିତି ନିୟନ୍ତ୍ରଣରୁ ବାହାରି ଯାଉଛି। ଯଦି ପ୍ରଣାଳୀରେ ତ୍ରୁଟି ଅଛି, ତାହାର ସମାଧାନ ଭାବରେ ସରକାର ଦାୟୀ; ଏହାକୁ ଆରୋପ ଓ ପ୍ରତ୍ୟାରୋପ ରେଖାରେ ଛାଡ଼ିଦେବା ଯୋଗ୍ୟ ନୁହେଁ।

କିଛି ଅନ୍ଧ ଭକ୍ତମାନେ, ଯେଉଁମାନେ ମୋଦୀ ଓ ବିଜେପି କୁ ଏକ ରୂପରେ ଦେଖନ୍ତି, ବିରୋଧୀ ପକ୍ଷ ଉପରେ ଏହା ଅଭିଯୋଗ କରନ୍ତି ଯେ କଂଗ୍ରେସ୍ ଓ ଅନ୍ୟ ବିରୋଧୀ ଦଳ ଛାତ୍ରଛାତ୍ରୀଙ୍କୁ ଉତ୍ତେଜିତ କରୁଛି। କିନ୍ତୁ ଭାବନ୍ତୁ — ଯଦି ଏହି ଘଟଣା ଅନ୍ୟ କୌଣସି ସରକାରଙ୍କ ଅଧୀନ ସମୟରେ ଘଟି ଥାନ୍ତା, ତେବେ ଏହି ଲୋକମାନଙ୍କର ଉତ୍ତର ଭିନ୍ନ ହୋଇଥାନ୍ତା। ଏଭଳି ଅନ୍ଧ ଭକ୍ତମାନଙ୍କ ଏହି ଦୁଇ ମୁଖି ରୂପ ଓ ପାଖଣ୍ଡ ନିନ୍ଦା ଜଣକ ।

ମୁଁ ଦୃଢ଼ ଭାବେ ବିଶ୍ୱାସ କରେ ଯେ, ଗୋଟିଏ ସରକାରର ଅବିରତ ଶାସନ ଦଶ ବର୍ଷରୁ ଅଧିକ ହେବା ଉଚିତ୍ ନୁହେଁ। ଦଶ ବର୍ଷ ପରେ ଶକ୍ତିରେ ଅହଙ୍କାର ଓ ଆତ୍ମସନ୍ତୋଷ ଆସେ ଏବଂ ତ୍ରୁଟି ଆରମ୍ଭ ହୁଏ। ଗୋଟିଏ ଚିନ୍ତକ କହିଥିଲେ 'ରାଜନୀତିଜ୍ଞ ଓ ଡାୟାପର ଦୁହେଁକୁ ନିୟମିତ ଭାବେ ପରିବର୍ତ୍ତନ କରାଯିବା ଉଚିତ' ଏହାର ହେତୁ ତାମିଲନାଡୁ ଓ କେରଳ ଭଳି ଅନେକ ସୁଶାସନ ରାଜ୍ୟଗୁଡ଼ିକ ନିୟମିତ ଭାବେ ସରକାର ପରିବର୍ତ୍ତନ କରନ୍ତି।

ବର୍ତ୍ତମାନ ଦେଶର ଯୁବ ପିଢ଼ୀର ମନରେ ଗଭୀର କ୍ରୋଧ ରହିଛି, ଯାହାକୁ ଶୀଘ୍ର ଓ ଗମ୍ଭୀରତା ସହିତ ସମାଧାନ କରିବା ଆବଶ୍ୟକ। ସମସ୍ତଙ୍କୁ ବିଦେଶୀ ସାଜିଶ, ଜର୍ଜ ସୋରୋସ୍ କିମ୍ବା ଚୀନ୍ ଏଜେଣ୍ଟ କରି ତାଙ୍କ ଉପରେ ଆରୋପ କରିବା ଏହାର ଉପାୟ ନୁହେଁ । ସରକାର ଏପର୍ଯ୍ୟନ୍ତ ଏହି ମାମଲାକୁ ଭୁଲ ଭାବରେ ହ୍ୟାଣ୍ଡଲ କରିଛି। ପ୍ରଧାନଙ୍କର ଇସ୍ତଫା ଆନ୍ଦୋଳନର ତାପକୁ କମ କରିପାରେ । କିନ୍ତୁ ଆନ୍ଦୋଳନ ଅଗ୍ନି ଏ ପର୍ଯ୍ୟନ୍ତ ଜଳି ରହିଛି। ଏହା ବିଳମ୍ବ ଘଟିଥିବାରୁ 'BETTER LATE THAN NEVER'

ପରିସ୍ଥିତି ଏଭଳି ଅଛି ଯେମିତି ଗୋଟିଏ ଘରେ ଜଳନଶୀଳ ଗ୍ୟାସ ଭରିଛି — ଛୋଟ ଟିଂଗାରୀ ମଧ୍ୟ ଏହାକୁ ଭୟଙ୍କର କରି ଦେଇପାରେ। ତେଣୁ ସରକାର ପକ୍ଷକୁ ପରାମର୍ଶ ଯେ, ଦମନର ଭାଷା ଛାଡ଼ି, ସଂଳାପ ଓ ବ୍ୟବହାରିକ ସୁଧାର ସହିତ ସାମ୍ନା କର। ନହେଲେ ଆଗାମୀ କାଲି ପୁନର୍ବାର ସେହି ଅଗ୍ନି ଜଳି ଉଠିବ।

# 'ସେନା' ଶବ୍ଦର ଗରିମା ଅକ୍ଷୁର୍ଣ୍ଣ ରହୁ



**ବିଦ୍ୟାଧର ନାୟକ**
ପୁର୍ବତନ ବରିଷ୍ଠ ନୌସୈନିକ
ଦୁରଭାଷ- ୯୬୫୮୮୫୯୪୭୪

ଭାରତୀୟଙ୍କ ପାଇଁ 'ସେନା' ଶବ୍ଦ କେବଳ ଏକ ସାଧାରଣ ଶବ୍ଦ ନୁହେଁ, ଏହା ଦେଶପ୍ରେମ, ତ୍ୟାଗ, ଶୃଙ୍ଖଳା, ସାହସ ଓ ବଳିଦାନର ପ୍ରତୀକ। ଆମେ 'ଭାରତୀୟ ସେନା' କହିଲେ ସ୍ଥଳ ସେନା, ନୌସେନା ଓ ବାୟୁ ସେନାକୁ ବୁଝୁ, ଯେଉଁମାନେ ଦିନରାତି ଦେଶର ସୀମା ଓ ସାର୍ବଭୌମତ୍ୱର ସୁରକ୍ଷାରେ ନିୟୋଜିତ।

**ସାମାଜିକ ଅନ୍ୱେଷଣ**

କିନ୍ତୁ ସମୟକ୍ରମେ ଦେଖାଯାଉଛି ଯେ 'ସେନା' ଶବ୍ଦର ବ୍ୟବହାର ତାହାର ମୂଳ ଅର୍ଥ ଓ ଗରିମାଠାରୁ ଦୂରେଇ ଯାଇଛି। ବିଭିନ୍ନ ରାଜନୈତିକ ଦଳ, ସଂଗଠନ ଏବଂ କିଛି ବ୍ୟକ୍ତି ନିଜ ନାମର ଶେଷରେ 'ସେନା' ଶବ୍ଦ ଯୋଡ଼ିବାର ପ୍ରବୃତ୍ତି ବଢ଼ିଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନେକ ବ୍ୟକ୍ତି ଏହି ଶବ୍ଦକୁ ନିଜ ପରିଚୟର ଅଂଶ କରିଛନ୍ତି।

ସେହିପରି ନିର୍ବାଚନ ସମୟରେ 'ରଣ', 'ରଣନୀତି', 'ରଣକ୍ଷେତ୍ର', 'ଯୁଦ୍ଧ' ପରି ସାମରିକ ଶବ୍ଦର ଅତ୍ୟଧିକ ବ୍ୟବହାର ମଧ୍ୟ ଦେଖିବାକୁ ମିଳେ। ଗଣମାଧ୍ୟମ ମଧ୍ୟ ଅନେକ ସମୟରେ ଏହି ଭାଷାକୁ ଆହୁରି ପ୍ରଚାରିତ କରିଥାଏ। ରାଜନୀତି ହେଉଛି ମତଭେଦର ଗଣତାନ୍ତ୍ରିକ ସମାଧାନର ପଥ, ଯୁଦ୍ଧର ନୁହେଁ। ଏଠାରେ ପ୍ରଶ୍ନ ଉଠେ 'ସେନା' ଶବ୍ଦ, ଯାହା ଦେଶର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରୁଥିବା ସଶସ୍ତ୍ର ବାହିନୀର ପରିଚୟ, ତାହାକୁ କି ରାଜନୈତିକ ଦଳ, ସଂଗଠନ କିମ୍ବା ବ୍ୟକ୍ତିଗତ ପରିଚୟ ସହ ଯୋଡ଼ିବା ଉଚିତ ? ରାଜନୈତିକ ଦଳର ଉଦ୍ଦେଶ୍ୟ ହେଉଛି ଜନସେବା, ଗଣତନ୍ତ୍ରର ସଶକ୍ତୀକରଣ, ଶାନ୍ତି, ସାମାଜିକ ସମନ୍ୱୟ ଓ ବିକାଶ। ଅନ୍ୟପକ୍ଷରେ, ସେନାର ଉଦ୍ଦେଶ୍ୟ ହେଉଛି ଦେଶର ସୁରକ୍ଷା ଏବଂ ବାହ୍ୟ ଶତ୍ରୁଙ୍କୁ ପ୍ରତିହତ କରିବା। ଏହି ଦୁଇଟିର ଭୂମିକା ଓ ଦାୟିତ୍ୱ ସ୍ୱତନ୍ତ୍ର। ମୋର ବ୍ୟକ୍ତିଗତ ମତ ହେଉଛି, 'ସେନା' ଶବ୍ଦର ଗରିମା ଓ ପବିତ୍ରତା ଅକ୍ଷୁର୍ଣ୍ଣ ରଖିବା ପାଇଁ ରାଜନୈତିକ ଦଳ, ସଂଗଠନ କିମ୍ବା ବ୍ୟକ୍ତିଗତ ପରିଚୟରେ ଏହାର ବ୍ୟବହାରକୁ ପୁନର୍ବିଚାର କରାଯିବା ଉଚିତ। ଏନେଇ ଦେଶବ୍ୟାପୀ ଆଲୋଚନା ହେଉ, ସଂସଦ, ନିର୍ବାଚନ କମିଶନ, ପ୍ରତିରକ୍ଷା ବିଶେଷଜ୍ଞ ଓ ସମାଜର ସମସ୍ତ ଶ୍ରେଣୀର ଲୋକ ନିଜ ମତ ରଖନ୍ତୁ। ଶବ୍ଦ କେବଳ ଉଚ୍ଚାରଣ ନୁହେଁ; ଶବ୍ଦ ଏକ ଜାତିର ଇତିହାସ, ସଂସ୍କୃତି ଓ ସମ୍ମାନର ବାହକ। ଆସନ୍ତୁ, ଆମେ 'ସେନା' ଶବ୍ଦକୁ ସେହି ସମ୍ମାନ ଦେବା, ଯାହା ଆମ ସଶସ୍ତ୍ର ବାହିନୀ ନିଜ ରକ୍ତ ଓ ବଳିଦାନ ଦ୍ୱାରା ଅର୍ଜନ କରିଛନ୍ତି।

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ପ୍ରଥମ ଓଡ଼ିଆ ଇଣ୍ଡିଆନ ଆଇଡଲ୍

# ଜ୍ୟୋତିର୍ମୟୀ







ସୋନି ଟିଭିର ପ୍ରସିଦ୍ଧ ସଙ୍ଗୀତ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬'ର ବିଜେତା ହୋଇ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ ସମଗ୍ର ଦେଶରେ ଓଡ଼ିଶାର ନାଁ ଉଜ୍ଜ୍ୱଳ କରିଛନ୍ତି । ସେ ଏହି ସମ୍ମାନଜନକ ଟ୍ରଫି ଜିତିବାରେ ପ୍ରଥମ ଓଡ଼ିଆ ଭାବେ ଇତିହାସ ରଚିଛନ୍ତି । ନିଜର ସୁମଧୁର କଣ୍ଠ, କଠିନ ପରିଶ୍ରମ ଓ ସଂଘର୍ଷ ବଳରେ ସେ ଆଜି ଏହି ମହାନ୍ ସଫଳତା ହାସଲ କରି ସାରା ଓଡ଼ିଶା ପାଇଁ ଗର୍ବ ପାଲଟିଛନ୍ତି । ଜ୍ୟୋତିର୍ମୟୀଙ୍କ ଜନ୍ମ ଓଡ଼ିଶାର ରାଉରକେଲା ସହରରେ ହୋଇଥିଲା । ସେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ । ତାଙ୍କ ପିତାଙ୍କ ନାମ ଚକ୍ରଧର ନାୟକ ଏବଂ ମାତାଙ୍କ ନାମ ଗୌରୀ ନାୟକ । ସେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ସମ୍ପନ୍ନ କରିଛନ୍ତି । ପିଲାଦିନରୁ ସଙ୍ଗୀତ ପ୍ରତି ତାଙ୍କର ଗଭୀର ରୁଚି ଥିଲା । ତାଙ୍କ ପିତା, ଯିଏ ନିଜେ ସଙ୍ଗୀତପ୍ରେମୀ ଥିଲେ, ଜ୍ୟୋତିର୍ମୟୀଙ୍କୁ ଗୀତ ଗାଇବା ପାଇଁ ସର୍ବଦା ଉତ୍ସାହିତ କରୁଥିଲେ । ସେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ରାଉରକେଲାରେ ଗୁରୁ ବୁଦ୍ଧ ପ୍ରସାଦ ରାଓଙ୍କଠାରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଭୁବନେଶ୍ୱରରେ ଗୁରୁ ବାଳକୃଷ୍ଣ ଭୈରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଗୁରୁ ଶାରଦା ପ୍ରସନ୍ନ ସାହୁଙ୍କଠାରୁ ବଲିଉଡ୍ ଗୀତ ଗାଇବାର ଶୈଳୀ ଶିଖିଥିଲେ । ଜ୍ୟୋତିର୍ମୟୀଙ୍କ ଯାତ୍ରା ସହଜ ନଥିଲା । ଏମିତି ଏକ ସମୟ ଆସିଥିଲା, ଯେତେବେଳେ ସେ ଏକ ଗୁରୁତର ତଣ୍ଟି ସମସ୍ୟା ଦେଇ ଗତି କରୁଥିଲେ, ଯେଉଁଥିପାଇଁ ସେ ଗୀତ ଗାଇବାକୁ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ିଥିଲେ । କିନ୍ତୁ ସେ ହାର୍ ନମାନି ନିଜର ଆତ୍ମବିଶ୍ୱାସ ବଳରେ ସେହି ସମସ୍ୟାରୁ ମୁକୁଳିଥିଲେ । ସେ ଚେନ୍ନାଇ ସ୍କୁଲ୍ ଅଫ୍ ମ୍ୟୁଜିକ୍ ଥେରାପିରୁ ପ୍ରମାଣପତ୍ର ହାସଲ କରିଛନ୍ତି । ସେ ଓଡ଼ିଶାର ଅନେକ କ୍ୟାନ୍ସର ଡାକ୍ତରଖାନାରେ ରୋଗୀମାନଙ୍କୁ ଏବଂ ଗର୍ଭବତୀ ମହିଳାମାନଙ୍କ ମାନସିକ ଓ ଶାରୀରିକ ଆରୋଗ୍ୟ ପାଇଁ ନିଜ ସଙ୍ଗୀତ ମାଧ୍ୟମରେ 'ମ୍ୟୁଜିକ୍ ଥେରାପି' ପ୍ରଦାନ କରନ୍ତି । ଏହି ମାନବିକ ସେବା ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

ଜ୍ୟୋତିର୍ମୟୀ ସେପ୍ଟେମ୍ବର ୨୦୨୫ରେ ମୁମ୍ବାଇ ଆସି ଏହି ଶୋ'ରେ ଭାଗ ନେଇଥିଲେ । ପ୍ରାୟ ୧୦ ମାସ ଧରି ଚାଲିଥିବା ଏହି କଠିନ ପ୍ରତିଯୋଗିତାରେ ସେ ନିଜର ନିରନ୍ତର ଉନ୍ନତ ପ୍ରଦର୍ଶନ ଜାରି ରଖିଥିଲେ । ୨୬ଜୁଲାଇ ୨୦୨୬ରେ ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ଶ୍ରେୟା ଘୋଷାଲ, ବିଶାଲ ଦାଦଲାନି ଏବଂ ବାଦଶାହାଙ୍କ ଭଳି ବିଚାରକଙ୍କ ସମ୍ମୁଖରେ ସେ 'ସାୟାଁ ଓ ସାୟାଁ' ଏବଂ 'ଗଜର ନେ କିୟା ହୈ ଇସାରା' ଭଳି ଚ୍ୟାଲେଞ୍ଜିଂ ଗୀତ ଗାଇ ସମସ୍ତଙ୍କ ମନ ଜିଣିଥିଲେ । ତନିସ୍କ ଶୁକ୍ଲା ଏବଂ ମନରାଜ ବୀର ସିଂଙ୍କ ଭଳି ପ୍ରତିଭାବାନ ଗାୟକଙ୍କୁ ପଛରେ ପକାଇ ସେ ଚାମ୍ପିଅନ୍ ହୋଇଥିଲେ । ବିଜୟୀ ଭାବେ ତାଙ୍କୁ ସମ୍ମାନଜନକ ଟ୍ରଫି ସହିତ ୨୦ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି । ତାଙ୍କର ଏହି ସଫଳତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କରିବା ସହ ରାଜ୍ୟ ସରକାରଙ୍କ ତରଫରୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ।




## ମ୍ୟୁଜିକ୍ ଥେରାପିଷ୍ଟରୁ ସୁପରଷ୍ଟାର୍ ଗାୟିକା

ଇଣ୍ଡିଆନ୍ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀ ନାୟକ ଓଡ଼ିଆ ସଙ୍ଗୀତ ଜଗତ (ଓଲିଉଡ୍)ରେ ଅନେକ ସୁପରହିଟ୍ ରୋମାଣ୍ଟିକ, ସ୍ୟାଡ୍ ସଙ୍ଗ୍ ଏବଂ ଭକ୍ତି ସଙ୍ଗୀତ ଗାଇଛନ୍ତି । ନିରନ୍ତର ଲୋକପ୍ରିୟତା ହାସଲ କରିଥିବା ଏହି ରୋମାଣ୍ଟିକ ଗୀତରେ ସେ ପ୍ରସିଦ୍ଧ ଗାୟକ ହ୍ୟୁମାନ ସାଗରଙ୍କ ସହ କଣ୍ଠଦାନ କରିଛନ୍ତି, ଯାହା ୟୁଟ୍ୟୁବରେ ୧୭ ମିଲିଅନରୁ ଅଧିକ ଭ୍ୟୁ ପାଇଛି । 'ମନା ମୋର କାଗଜ ଗୁଡ଼ି' ଆଲବମର ଏହି ଗୀତଟି ଶ୍ରୋତାଙ୍କ ମଧ୍ୟରେ ବେଶ୍ ଆଦୃତ । ହ୍ୟୁମାନ ସାଗରଙ୍କ ସହ ତାଙ୍କର ଏହି ଯୁଗଳ ଗୀତଟି ମଧ୍ୟ ସୁପରହିଟ୍ ହୋଇଥିଲା । ଏହା ତାଙ୍କ କ୍ୟାରିୟରର ଅନ୍ୟତମ ବଡ଼ ମ୍ୟୁଜିକାଲ୍ ହିଟ୍ ଗୀତ । ମୋ ରାଜାଜେମା ଏହି ମେଲୋଡି ଗୀତଟି ଶ୍ରୋତାମାନଙ୍କ ହୃଦୟକୁ ବେଶ୍ ଛୁଇଁପାରିଛି । ଶାନ୍ତନୁ ଖୋସଲାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ତୋ ଖୁସିରେ ମୋ ଖୁସି ଏହି ସେଣ୍ଟିମେଣ୍ଟାଲ ଗୀତର ଫିମେଲ୍ ଭର୍ସନକୁ ସେ ଖୁବ୍ ସୁନ୍ଦର ଭାବେ ଗାଇଛନ୍ତି । ପ୍ରସିଦ୍ଧ ବଲିଉଡ୍ ଗାୟକ ଋତୁରାଜ ମହାନ୍ତିଙ୍କ ସହ ମିଶି ସେ ସିନ୍ଦୂର ଟୋପେ ଏହି ଭାବପୂର୍ଣ୍ଣ ଗୀତଟି ଗାଇଥିଲେ । ଅଭିଜିତ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଜୀବନ ବିନା ଜୀବନ ଏହି ସ୍ୟାଡ୍ ସଙ୍ଗଟି ତାଙ୍କ ଗାୟକୀର ଅନନ୍ୟ ନିଦର୍ଶନ । ଅବୁଝା ଲୁହ ଏହା ତାଙ୍କର ଅନ୍ୟତମ ଭାଇରାଲ୍ ବିରହ ସଙ୍ଗୀତ । ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଶ୍ରୀକ୍ଷେତ୍ର ଧାମ ଏହି ଭଜନଟି ଲକ୍ଷ ଲକ୍ଷ ଶ୍ରୋତାଙ୍କ ମନ ଜିଣିଛି । ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗାନ କରାଯାଇଥିବା ତାଙ୍କର ହେ ଜଗନ୍ନାଥ ସ୍ୱାମୀ ଏହି ଭଜନଟି ଓଡ଼ିଶାର ଘରେ ଘରେ ପରିଚିତ । ରଥଯାତ୍ରା ସମୟରେ ମୁକ୍ତିଲାଭ କରିଥିବା ତାଙ୍କର ସୁମଧୁର ରଥଯାତ୍ରା ଭଜନ ଏହି ବିଶେଷ ଭଜନ ଆଲବମକୁ ବେଶ୍ ପସନ୍ଦ କରାଯାଏ ।

'ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬'ର ବିଜେତା ଜ୍ୟୋତିର୍ମୟୀ ନାୟକ ଖୁବଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । ସେ ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ହିଁ ନିଜର ଭାବି ସ୍ୱାମୀଙ୍କ ସହ ସମସ୍ତଙ୍କୁ ପରିଚିତ କରାଇଥିଲେ । ଜ୍ୟୋତିର୍ମୟୀଙ୍କ ଭାବି ପତିଙ୍କ ନାମ ଆଶୁତୋଷ ସାମଲ । ସେ ବୃତ୍ତିଗତ ଭାବେ ୟୁଏଇର ଆବୁଧାବିରେ କାର୍ଯ୍ୟରତ । ଜ୍ୟୋତିର୍ମୟୀଙ୍କ କହିବା ଅନୁସାରେ, ଏହା ଏକ ସମ୍ପୂର୍ଣ୍ଣ ପାରିବାରିକ ସମ୍ମତିରେ ସ୍ଥିର ହୋଇଥିବା ବିବାହ । ଏକ ଅନଲାଇନ୍ ମ୍ୟାଟ୍ରିମୋନିଆଲ୍ ପ୍ଲାଟଫର୍ମ ଜରିଆରେ ଉଭୟଙ୍କ ପରିବାର ପରସ୍ପର ସହ ଯୋଗାଯୋଗ କରିଥିଲେ ଏବଂ ପରେ ସେମାନଙ୍କ କଥାବାର୍ତ୍ତା ଆରମ୍ଭ ହୋଇଥିଲା । ଥଇଣ୍ଡିଆନ୍ ଆଇଡଲ୍‌ର ଆବୁଧାବି ସ୍ପେଶାଲ୍ ସୁଟିଂ ସମୟରେ ଶୋ'ର ଜଜ୍ ବାଦଶାହା ଏବଂ ବିଶାଲ ଦାଦଲାନି ଜ୍ୟୋତିର୍ମୟୀଙ୍କୁ ଏକ ବଡ଼ ସରପ୍ରାଇଜ୍ ଦେଇଥିଲେ । ଆଶୁତୋଷ ହଠାତ୍ 'ସାଜନ୍ ଜୀ ଘର ଆୟେ' ଗୀତ ସହ ମଞ୍ଚକୁ ପ୍ରବେଶ କରି ଜ୍ୟୋତିର୍ମୟୀଙ୍କୁ ସରପ୍ରାଇଜ୍ ପ୍ରପୋଜାଲ୍ ଦେଇଥିଲେ । ସେହି ସମୟରେ ଜ୍ୟୋତିର୍ମୟୀ ଖୁବ୍ ଭାବୁକ ହୋଇପଡ଼ିଥିଲେ । ମଞ୍ଚ ଉପରେ ହିଁ ଉଭୟଙ୍କ ନିର୍ବନ୍ଧ ଏବଂ ବିବାହ ବିଷୟରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା । ଗ୍ରାଣ୍ଡ ଫିନାଲେ ବିଜୟ ପରେ ଜ୍ୟୋତିର୍ମୟୀ ନିଜ ଭାବି ସ୍ୱାମୀ ଆଶୁତୋଷଙ୍କ ସହ ଟ୍ରଫି ଧରି ଖୁସି ମନାଉଥିବାର ଦେଖାଯାଇଥିଲା. ସେମାନେ ଖୁବଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି ।

## ୨୦୧୯ ମଞ୍ଚରୁ ପ୍ରତ୍ୟାଖ୍ୟାତ ୨୦୨୬ର ବିଜେତା

'ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୬'ର ଗ୍ରାଣ୍ଡ ଫିନାଲେରେ ବିଜୟିନୀ ହେବା ପରେ ଜ୍ୟୋତିର୍ମୟୀ ନାୟକ ଗଣମାଧ୍ୟମକୁ ଦେଇଥିବା ବିଭିନ୍ନ ସାକ୍ଷାତକାରରେ ନିଜର ଅଭୁଲା ଓ ରୋମାଞ୍ଚକର ଅନୁଭୂତି ସେୟାର କରିଛନ୍ତି. ତାଙ୍କ କହିବା ଅନୁସାରେ, ଏହି ବିଜୟ ତାଙ୍କ ପାଇଁ ଏକ ସ୍ୱପ୍ନ ସତ ହେବା ଭଳି ଥିଲା । ଜ୍ୟୋତିର୍ମୟୀ କହିଛନ୍ତି ଯେ, ସେ ଯେତେବେଳେ ୧୪ ସେପ୍ଟେମ୍ବରରେ ଓଡ଼ିଶାରୁ ମୁମ୍ବାଇ ଆସିଥିଲେ, ସେ କେବେ ବିଜେତା ହେବେ ବୋଲି ଭାବି ନଥିଲେ । ସେ କେବଳ ପ୍ରତିଟି ମଞ୍ଚରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ଏବଂ ବିଚାରକଙ୍କଠାରୁ ଭଲ ମତାମତ ପାଇବାକୁ ଲକ୍ଷ୍ୟ ରଖିଥିଲେ । ବିଜେତା ଭାବେ ତାଙ୍କ ନାମ ଘୋଷଣା ହେବା ପରେ ସେ ସମ୍ପୂର୍ଣ୍ଣ ଭାବୁକ ହୋଇପଡ଼ିଥିଲେ. ସେ କହିଥିଲେ, "ଏହା ଏକ ସ୍ୱପ୍ନ ଭଳି ଲାଗୁଥିଲା, ସତରେ ମୁଁ ଜିତିଛି କି ନାହିଁ ଜାଣିବା ପାଇଁ ମୁଁ ନିଜକୁ ଚିମୁଟି ଦେଖୁଥିଲି." । ଏକ ବିଶେଷ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି ଯେ, ସେ ଏହି ମୁହୂର୍ତ୍ତ ପାଇଁ ଦୀର୍ଘ ଦିନରୁ ମ୍ୟାନିଫେଷ୍ଟ (ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା ଏବଂ ଦୃଢ଼ ବିଶ୍ୱାସ) କରୁଥିଲେ. ସେ ନିଜ ମୋବାଇଲ୍‌ର ୱାଲପେପରରେ ମଧ୍ୟ ଇଣ୍ଡିଆନ୍ ଆଇଡଲ୍ ଟ୍ରଫିର ଫଟୋ ରଖିଥିଲେ, ଯାହା ତାଙ୍କୁ ସର୍ବଦା ପରିଶ୍ରମ କରିବାକୁ ପ୍ରେରଣା ଦେଉଥିଲା । ଜ୍ୟୋତିର୍ମୟୀଙ୍କ ଅନୁଭୂତି ଅନୁସାରେ, ଏହି ୧୦ ମାସର ଦୀର୍ଘ ଯାତ୍ରା ତାଙ୍କୁ ଜଣେ କଳାକାର ଭାବେ ସମ୍ପୂର୍ଣ୍ଣ ବଦଳାଇ ଦେଇଛି. ପୂର୍ବରୁ ସେ ଓଡ଼ିଶାରେ ମୁଖ୍ୟତଃ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଲତା ମଙ୍ଗେସକର କିମ୍ବା ଆଶା ଭୋସଲେଙ୍କ ଭଳି ଗାୟିକାଙ୍କ ଶୈଳୀରେ ଗୀତ ଗାଉଥିଲେ । କିନ୍ତୁ ଶୋ'ରେ ସେ ନିଜର କମ୍ଫର୍ଟ ଜୋନ୍‌ରୁ ବାହାରି 'ଭଏସ୍ ମଡ୍ୟୁଲେସନ୍' (କଣ୍ଠର ସ୍ୱର ପରିବର୍ତ୍ତନ) ଶିଖିଥିଲେ. ଗ୍ରାଣ୍ଡ ଫିନାଲେରେ 'ସାୟାଁ ଓ ସାୟାଁ' ଗୀତ ଗାଇବା ସମୟରେ ସେ ଏହି ସମ୍ପୂର୍ଣ୍ଣ ଭିନ୍ନ ସଙ୍ଗୀତ ଶୈଳୀର ପ୍ରୟୋଗ କରିଥିଲେ, ଯାହା ବିଚାରକ ଏବଂ ଦର୍ଶକଙ୍କୁ ସ୍ତବ୍ଧ କରିଦେଇଥିଲା । ଜ୍ୟୋତିର୍ମୟୀ ନିଜ ବିଜୟର ସମସ୍ତ ଶ୍ରେୟ ସେହି କର୍କଟ ରୋଗୀମାନଙ୍କୁ ଦେଇଛନ୍ତି, ଯେଉଁମାନଙ୍କୁ ସେ ଓଡ଼ିଶାରେ 'ମ୍ୟୁଜିକ୍ ଥେରାପି' ପ୍ରଦାନ କରୁଥିଲେ । ଶୋ'ର କଠିନ ପରିସ୍ଥିତି ଏବଂ ଏଲିମିନେସନ୍ ରାଉଣ୍ଡ ସମୟରେ ସେହି ରୋଗୀମାନଙ୍କ ଭଲପାଇବା ଓ ପ୍ରାର୍ଥନା ହିଁ ତାଙ୍କୁ ଆଗକୁ ବଢ଼ିବାକୁ ଶକ୍ତି ଦେଇଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଫିନାଲେ ଜିତିବା ପରେ ସେ ନିଜର ଏକ ପୁରୁଣା ସଂଘର୍ଷର କାହାଣୀ ମନେ ପକାଇଥିଲେ. ସେ କହିଥିଲେ ଯେ, ୨୦୧୯ ମସିହାରେ ସେ ଯେତେବେଳେ ପ୍ରଥମ ଥର ଇଣ୍ଡିଆନ୍ ଆଇଡଲ୍ ପାଇଁ ଅଡିସନ୍ ଦେଇଥିଲେ, ସେତେବେଳେ ସେ ରିଜେକ୍ଟ (ପ୍ରତ୍ୟାଖ୍ୟାତ) ହୋଇଯାଇଥିଲେ. କିନ୍ତୁ ଆଜି ସେହି ମଞ୍ଚରେ ବିଜେତା ଟ୍ରଫି ଧରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ଅଟେ । ତାଙ୍କର ଏହି ବିଜୟ ସାରା ଓଡ଼ିଶାର ଜନସାଧାରଣଙ୍କ ଭୋଟ୍ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସେ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି ।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଆରମ୍ଭ ହେଲା ଏମ୍‌ବିବିଏସ୍/ବିଡିଏସ୍ ନାମଲେଖା

## ଓଜେଇଇ ପକ୍ଷରୁ ନିଟ୍ ୟୁଜି କାଉନସେଲିଂ ଗାଇଡଲାଇନ୍ ଜାରି



ଭୁବନେଶ୍ୱର, ୦୧/୦୮ (ଜେଏନ୍ଏସ୍): ଓଡ଼ିଶା ନିଟ୍ ୟୁଜି(ଏମ୍‌ବିବିଏସ୍/ବିଡିଏସ୍) କାଉନସେଲିଂ ପ୍ରକ୍ରିୟା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା କମିଟି (ଓଜେଇଇ) ଦ୍ୱାରା ରାଜ୍ୟ କୋଟାର ୮୫% ସିଟ୍ ପାଇଁ ଅନଲାଇନ୍ ମାଧ୍ୟମରେ କରାଯାଉଛି । ୨୦୨୬ ଶିକ୍ଷାବର୍ଷ ପାଇଁ କାଉନସେଲିଂର ପୂରା ସୂଚୀ ଖୁବ୍‌ଶୀଘ୍ର ଓଜେଇଇ ଅଫିସିଆଲ୍ ୱେବ ସାଇଟରେ ପ୍ରକାଶ ପାଇବ । ଏହି ବର୍ଷ କାଉନସେଲିଂ ପ୍ରକ୍ରିୟାରେ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ପରିବର୍ତ୍ତନ କରାଯାଇଛି । ଚାପମୁକ୍ତ ପ୍ରକ୍ରିୟା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ମେଡିକାଲ କାଉନସିଲ କମିଟି କାଉନସେଲିଂ ନିୟମରେ କିଛି ଐତିହାସିକ ପରିବର୍ତ୍ତନ କରିଛନ୍ତି । ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରେ ସିଟ୍ ମିଳିବା ପରେ ପ୍ରାର୍ଥୀମାନେ ନିଜ ମୋବାଇଲ୍ କିମ୍ବା ଲାପଟପ୍ ମାଧ୍ୟମରେ ଅନଲାଇନ୍‌ରେ ଡକ୍ୟୁମେଣ୍ଟ ଯାଞ୍ଚ କରି ପ୍ରୋଭିଜନାଲ୍ ଆଡମିଶନ୍ ନେଇପାରିବେ । ଯଦି ଆପଣ କଲେଜ ଅପଗ୍ରେଡ୍ କରିବାକୁ ଚାହୁଁଛନ୍ତି, ତେବେ ପୂର୍ବଭଳି ଆଉ ବାରମ୍ବାର ମେଡିକାଲ କଲେଜକୁ ଯାଇ ଫିଜିକାଲ୍ ରିପୋର୍ଟିଂ କରିବାକୁ ପଡ଼ିବ ନାହିଁ । ଯଦି ଜଣେ ପ୍ରାର୍ଥୀ ସିଟ୍ ଛାଡ଼ିବାକୁ ଚାହାନ୍ତି, ତେବେ ସେ ଅନଲାଇନ୍‌ରେ ହିଁ ସିଟ୍ ପ୍ରତ୍ୟାହାର କରିପାରିବେ । ଓଡ଼ିଶା ସରକାର ରାଜ୍ୟ କୋଟା ସିଟ୍ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିଛନ୍ତି । ଏହି ବର୍ଷଠାରୁ ଏସ୍‌ଟି ପାଇଁ ୨୨.୫%, ଏସ୍‌ସି ପାଇଁ ୧୬.୨%, ଏସ୍‌ଇବିସି ପାଇଁ (ନୂତନ): ୧୧.୨% ସଂରକ୍ଷଣ ମିଳିବ । ପିଡବ୍ଲ୍ୟୁବିଡି ପାଇଁ ୫% ଭୂସମାନ୍ତର ସଂରକ୍ଷଣ ରହିବ ।

# ମା'ଙ୍କ ସମର୍ଥନ, ଝିଅଙ୍କ ଜବାବ : ବିଜେପିରେ ବିବାଦ

ଭୁବନେଶ୍ୱର,୦୧/୦୮ (ଜେଏନ୍ଏସ୍):କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ଏହାକୁ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଝିଅ ଅର୍ଚ୍ଚିତାଙ୍କ ସୋସିଆଲ ମିଡିଆ ପୋଷ୍ଟ ଏବେ ଓଡ଼ିଶା ରାଜନୀତିରେ ଏକ ବଡ଼ ବିବାଦ ଓ ଚର୍ଚ୍ଚାର ବିଷୟ ପାଲଟିଛି । ନିଟ୍ ପେପର ଲିକ୍ ବିବାଦ ଏବଂ ଛାତ୍ର ଆନ୍ଦୋଳନର ଚାପରେ ପଡ଼ି ଜୁଲାଇ ୨୫, ୨୦୨୬ରେ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କ ଇସ୍ତଫା ପରେ ଅପରାଜିତାଙ୍କ ଝିଅଙ୍କ ଜବାବ ଏବଂ ଏହାକୁ ନେଇ ଅନେକ ଝଡ଼ ସୃଷ୍ଟି ହୋଇଛି । ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଝିଅ ଅର୍ଚ୍ଚିତା ଷଡ଼ଙ୍ଗୀ (ଅର୍ଚ୍ଚିତା ସଚିନ ରାହାର) ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ଛାତ୍ରମାନଙ୍କୁ ସମର୍ଥନ କରି ଏକ ପୋଷ୍ଟ କରିଥିଲେ । ସେ ଲେଖିଥିଲେ, "ନିଟ୍ ଲିକ୍ ମାମଲାରେ ବ୍ୟାପକ ଛାତ୍ର ଆନ୍ଦୋଳନ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି"। ଏହାକୁ ସେ ଛାତ୍ରମାନଙ୍କର ବିଜୟ ଭାବେ ଦର୍ଶାଇ ଖୁସି ବ୍ୟକ୍ତ କରିଥିଲେ। ଚର୍ଚ୍ଚା ଅନୁଯାୟୀ, ଧର୍ମେନ୍ଦ୍ର ପ୍ରଧାନଙ୍କ ପିଏ କହିବା ସତ୍ତ୍ୱେ ମଧ୍ୟ ଅର୍ଚ୍ଚିତା ନିଜ ପୋଷ୍ଟକୁ ହଟାଇ ନଥିଲେ। ସେ ନିଜ ମତାମତରେ ଅଟଳ ରହିଥିଲେ, ଯଦିଓ ପରେ ସେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ନିଷ୍କ୍ରିୟ ହୋଇଯାଇଥିବା ଖବର ଆସିଥିଲା । ଝିଅ ଛାତ୍ରମାନଙ୍କ ସହ ଛିଡ଼ା ହୋଇଥିବା ବେଳେ, ମା' ଅପରାଜିତା ଷଡ଼ଙ୍ଗୀ କିନ୍ତୁ ସୋସିଆଲ ମିଡିଆ 'ଡ' ରେ ପୋଷ୍ଟ କରି ସେ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅଛନ୍ତି ବୋଲି ସ୍ପଷ୍ଟ କରିଥିଲେ । ଅପରାଜିତା ନିଜ ଝିଅର ପୋଷ୍ଟକୁ ନେଇ କହିଥିଲେ ଯେ, "ତାଙ୍କର ନିଜସ୍ୱ ଚିନ୍ତାଧାରା ଓ ମତାମତ ପ୍ରକାଶ କରିବାର ଅଧିକାର ରହିଛି" । ଅର୍ଚ୍ଚିତାଙ୍କ ଏହି ପୋଷ୍ଟ ଓଡ଼ିଶା ବିଜେପି ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ଏବଂ ବିରୋଧୀଙ୍କୁ ସମାଲୋଚନା କରିବାକୁ ସୁଯୋଗ ଦେଇଛି । ବିଜେପି ନେତା ଜଗନ୍ନାଥ ପ୍ରଧାନ (ଯିଏ ଭୁବନେଶ୍ୱର ମଧ୍ୟରୁ ବିଜେପି ପ୍ରାର୍ଥୀ ଥିଲେ) ଏହାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି

### ଧର୍ମେନ୍ଦ୍ରଙ୍କ ଇସ୍ତଫା : ଏକ ଘରେ ଭିନ୍ନ ସ୍ୱର





ଯେ, ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଜଣେ ଯୋଗ୍ୟ ପୁତ୍ର ଏବଂ ତାଙ୍କ ଇସ୍ତଫା ଦଳକୁ ଆଘାତ ଦେଇଛି। ଜଗନ୍ନାଥ ପ୍ରଧାନ କହିଛନ୍ତି ଯେ, ଓଡ଼ିଶାବାସୀ ବିହାରର ଝିଅ ଅପରାଜିତାଙ୍କୁ ଗ୍ରହଣ କରି ଦୁଇ ଦୁଇ ଥର ସାଂସଦ କରିଛନ୍ତି। ତେଣୁ ଅପରାଜିତାଙ୍କର ନିଜ ପରିବାର ଉପରେ ନିୟନ୍ତ୍ରଣ ରହିବା ଉଚିତ ଏବଂ ତାଙ୍କ ଝିଅଙ୍କ ଏଭଳି ମନ୍ତବ୍ୟ ପାଇଁ ସେ ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ଉଚିତ। ଆମ୍ ଆଦମୀ ପାର୍ଟିର ଅରବିନ୍ଦ କେଜ୍ରିୱାଲ ଓ ମନିଷ ସିସୋଦିଆ ଏହି ଇସ୍ତଫାକୁ ଛାତ୍ରଶକ୍ତି ଓ ଗଣତନ୍ତ୍ରର ବଡ଼ ବିଜୟ ବୋଲି ଆଖ୍ୟା ଦେଇଛନ୍ତି। ସଂକ୍ଷେପରେ କହିବାକୁ ଗଲେ, ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଘରେ "ମା' ଧର୍ମେନ୍ଦ୍ରଙ୍କ ସହ ଏବଂ ଝିଅ ଛାତ୍ରଙ୍କ ସହ" ଭଳି ଏକ ସ୍ଥିତି ସୃଷ୍ଟି ହୋଇଛି, ଯାହା ଓଡ଼ିଶା ରାଜନୀତିକୁ ବେଶ୍ ଗରମ କରିଛି।

## ଓଡ଼ିଶାରେ ବନ୍ୟା ମହାସଂକଟ

# ନେତା ଦିଲ୍ଲୀରେ, ଜନତା ପାଣିରେ !

ଭୁବନେଶ୍ୱର, ୦୧/୦୮ (ଜେଏନ୍ଏସ୍): ରାଜ୍ୟରେ ଜାରି ରହିଥିବା ବନ୍ୟା ପରିସ୍ଥିତି ଏବଂ ବିପର୍ଯ୍ୟୟ ପରିଚାଳନାକୁ ନେଇ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ରାଜନୈତିକ ବାଦବିବାଦ ତୀବ୍ର ହେବାରେ ଲାଗିଛି. ବିରୋଧୀ ଦଳ ସରକାରଙ୍କ ପ୍ରସ୍ତୁତି

### ବନ୍ୟା ପରିଚାଳନାରେ ଫେଲ୍ ସରକାର

ଉପରେ ପ୍ରଶ୍ନ ଉଠାଉଥିବା ବେଳେ ଶାସକ ଦଳ ଏହାର କଡ଼ା ଜବାବ ଦେଉଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ରାଜ୍ୟର ଅନେକ ଜିଲ୍ଲା ବନ୍ୟା ସଂକଟ ଦେଇ ଗତି କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ସାଂସଦମାନେ ଦିଲ୍ଲୀରେ ଉତ୍ସବ ମନାଉଛନ୍ତି । ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ସତର୍କ ସୂଚନା ଦେଇଥିଲେ ମଧ୍ୟ ସରକାର ସଠିକ୍




ପ୍ରସ୍ତୁତି କରିନଥିଲେ । ଯାହାଫଳରେ ବନ୍ୟା ଯୋଗୁଁ ଅମୂଲ୍ୟ ଜୀବନହାନି ଘଟିଛି ବୋଲି ବିଜେଡି ବିଧାୟକ ବ୍ୟୋମକେଶ ରାୟ ଏବଂ ଗୌତମବୁଦ୍ଧ ଦାସ ଅଭିଯୋଗ କରିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ଯୋଗାଇବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି । ବନ୍ୟା ପରିଚାଳନାରେ ସୁଧାର ନଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି ଏବଂ ଜରୁରୀକାଳୀନ ସହାୟତା ପାଇଁ '୧୧୨' ହେଲ୍ପଲାଇନ ନମ୍ବର ଜାରି କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ପ୍ରଭାବିତ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଆଦି ଜିଲ୍ଲାର ବାସ୍ତବ ସ୍ଥିତି ପରଖିବା ପାଇଁ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ସମୀକ୍ଷା କରିଛନ୍ତି । ସରକାରୀ ସୂଚନା ମୁତାବକ, ୨୦ଟି ଜିଲ୍ଲାର ପ୍ରାୟ ୧୦୦ଟି ବ୍ଲକ ପ୍ରଭାବିତ ହୋଇଛି । ବିପନ୍ନଙ୍କ ଉଦ୍ଧାର ପାଇଁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ମେଡିକାଲ ଟିମ୍ ସଜାଗ ରହି କାର୍ଯ୍ୟ କରୁଛନ୍ତି । ମହାନଦୀର ଉପର ମୁଣ୍ଡରେ ଥିବା ଛତିଶଗଡ଼ର କଲମା ବ୍ୟାରେଜରୁ ଗେଟ୍ ଖୋଲିବା ଯୋଗୁଁ ପାଣି ବଢୁଥିବାରୁ, ସରକାର ସେଠାକାର ପ୍ରଶାସନ ସହ ନିରନ୍ତର ସମ୍ପର୍କରେ ରହି ଜଳ ନିଷ୍କାସନକୁ ନିୟନ୍ତ୍ରଣ କରୁଛନ୍ତି ।

# ଛାତ୍ରଛାତ୍ରୀଙ୍କୁ ମାଗଣା ସେୟାର ମାର୍କେଟ ତାଲିମ

ଭୁବନେଶ୍ୱର, ୦୧/୦୮ (ଜେଏନ୍ଏସ୍) : ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଲେଜ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ ଓ ଆର୍ଥିକ ଜ୍ଞାନ ବୃଦ୍ଧି ପାଇଁ 'ଏନଏସଇ ବିଏଫଏସଆଇ ସ୍କିଲ୍ ପ୍ରୋଗ୍ରାମ' ଆରମ୍ଭ କରାଯାଇଛି. ଏହି ଯୋଜନା ଅଧୀନରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ସେୟାର ମାର୍କେଟ, ମ୍ୟୁଚୁଆଲ ଫଣ୍ଡ ଏବଂ ବ୍ୟାଙ୍କିଙ୍ଗ କାରବାରର ପ୍ରାକ୍ଟିକାଲ ତାଲିମ ଦିଆଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିନିଯୋଗ, ଆର୍ଥିକ ପରିଚାଳନା ଏବଂ ସେୟାର ବଜାର ବିଷୟରେ ସଚେତନତା ସୃଷ୍ଟି



କରିବା। ବ୍ୟାଙ୍କିଙ୍ଗ, ଫାଇନାନ୍ସିଆଲ ସର୍ଭିସେସ ଏବଂ ଇନସୁରାନ୍ସ ସେକ୍ଟରରେ ଯୁବପିଢ଼ିଙ୍କ ପାଇଁ ନୂଆ ଚାକିରି ସୁଯୋଗ ସୃଷ୍ଟି କରିବା। ଗ୍ରାଜୁଏଟ ଏବଂ ପୋଷ୍ଟ ଗ୍ରାଜୁଏଟ ସ୍ତରରେ ବିକମ୍, ବିଏ, ବିଏମ୍ଏସ୍, ବିବିଏ, (ଅର୍ଥଶାସ୍ତ୍ର/ବାଣିଜ୍ୟ), ଏମ୍‌ବିଏ ଏବଂ ଏମ୍‌କମ୍ ପଢୁଥିବା ଛାତ୍ରଛାତ୍ରୀ ଏହାର ଲାଭ ଉଠାଇପାରିବେ। ଓଡ଼ିଶାର ୯ଟି ପ୍ରମୁଖ ଏଜୁକେସନାଲ ହବ୍ (ଯେପରିକି ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଇତ୍ୟାଦି) ଅଧୀନରେ ଥିବା ୯୭ଟି ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏହା ପ୍ରଥମେ ଲାଗୁ ହେବ। ପ୍ରତି ଶିକ୍ଷାନୁଷ୍ଠାନରୁ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ମାଗଣା ପ୍ରଶିକ୍ଷଣ ଦିଆଯିବ। ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ମ୍ୟୁଚୁଆଲ ଫଣ୍ଡ ଉପରେ ଏକ ୩୦ ଘଣ୍ଟାର ପ୍ରୋଫେସନାଲ ସାର୍ଟିଫିକେଟ୍ କୋର୍ସ ପ୍ରଦାନ କରାଯାଇଛି। ସେବି ଦ୍ୱାରା ମାନ୍ୟତାପ୍ରାପ୍ତ ଏନ୍‌ଆଇଏସ୍ଏମ୍ ସାର୍ଟିଫିକେସନ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ସ୍ପେଶାଲ କୋଚିଂ ଦିଆଯିବ। ଏହି ପ୍ରୋଗ୍ରାମ ପାଇଁ ଓଡ଼ିଶା ସରକାର ଜାତୀୟ ସେୟାର ବଜାର ବା ନାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି, ଯାହାକୁ ଟାଲେଣ୍ଟ ସ୍କିଲସର୍ଭିସିଟି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରଶିକ୍ଷଣ ସଫଳତାର ସହ ଶେଷ କରିବା ପରେ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଫାଇନାନ୍ସିଆଲ ଆଡଭାଇଜର, ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟର, ଷ୍ଟକ୍ ବ୍ରୋକର, ବ୍ୟାଙ୍କିଙ୍ଗ ଏବଂ ବୀମା କ୍ଷେତ୍ରରେ ସହଜରେ ନିଯୁକ୍ତି ପାଇପାରିବେ।

# ସୁଶାନ୍ତ ସିଂଙ୍କ ୬୩ ବର୍ଷ ବୟସରେ ପରଲୋକ

ଭୁବନେଶ୍ୱର, ୦୧/୦୮ (ଜେଏନ୍ଏସ୍): ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ସଂଗଠକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କର ୬୩ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପଶ୍ଚିମ ଓଡ଼ିଶା ରାଜନୀତିର ଏହି ପ୍ରଭାବଶାଳୀ ନେତାଙ୍କ ବିୟୋଗ ରାଜ୍ୟ ରାଜନୈତିକ ଜଗତ ପାଇଁ ଏକ ବଡ଼ ଶୂନ୍ୟତା ସୃଷ୍ଟି କରିଛି। ବରଗଡ଼ ଜିଲ୍ଲାର ଅଟ୍ଟାବିରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସେ ବିଜେଡି ଟିକେଟରେ ୩ ଥର (୨୦୦୯, ୨୦୧୪ ଏବଂ ୨୦୧୯) କ୍ରମାଗତ ଭାବେ



ବିଧାୟକ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଶ୍ରମ ଓ ନିଯୁକ୍ତି ଏବଂ ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ଗତ ୨୦୨୪ ବିଧାନସଭା ନିର୍ବାଚନରେ ସେ ବିଜେପି ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କଠାରୁ ପରାଜିତ ହୋଇଥିଲେ। ସୁଶାନ୍ତ ସିଂ ତାଙ୍କର ଦୃଢ଼ ସାଂଗଠନିକ ଦକ୍ଷତା ଏବଂ ସାଧାରଣ ଲୋକଙ୍କ ସହ ନିବିଡ଼ ସମ୍ପର୍କ ପାଇଁ ଜଣାଶୁଣା ଥିଲେ। ବିଶେଷ କରି ପଶ୍ଚିମ ଓଡ଼ିଶାରେ ବିଜେଡିକୁ ମଜଭୁତ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। କରୋନା ମହାମାରୀ ସମୟରେ ନିଜ ନିର୍ବାଚନ ମଣ୍ଡଳୀ ଓ ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ସେ ନିଜେ ଗାଡ଼ିରେ ମେଡିକାଲ ପହଞ୍ଚାଇ ବେଶ୍ ଲୋକପ୍ରିୟ ଥିଲେ ।

# କ୍ରାଇମବ୍ରାଞ୍ଚର 'କ୍ଲିନ୍‌ଚିଟ୍' ଉପରେ କୋର୍ଟଙ୍କ ଚାପୁଡ଼ା

## ସୌମ୍ୟ ମୃତ୍ୟୁ ମାମଲା: ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନ



ବହୁ ଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଗଜପତି ଜିଲ୍ଲାର ତତ୍କାଳୀନ ପୂର୍ବତନ ଡିଏଫଓ ସଂଗ୍ରାମ କେଶରୀ ବେହେରା ପାରଳାଖେମୁଣ୍ଡି ଝଉଔଗ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରି ଜେଲ୍‌କୁ ପଠାଇ ଦେଇଛନ୍ତି । ଦୀର୍ଘ ଦିନ ଧରି ଗିରଫଦାରୀରୁ ବର୍ତ୍ତିବା ପାଇଁ ଆଇନଗତ ଲଢ଼େଇ କରୁଥିବା ପୂର୍ବତନ ଡିଏଫଓ ସଂଗ୍ରାମ କେଶରୀ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଝଉଔଗ କୋର୍ଟରେ ନିଜ



ଓକିଲଙ୍କ ସହ ଆତ୍ମସମର୍ପଣ କରିଥିଲେ । ଆତ୍ମସମର୍ପଣ ପରେ ତାଙ୍କ ପକ୍ଷରୁ କରାଯାଇଥିବା ଜାମିନ ଆବେଦନକୁ ଉଭୟ ଝଉଔଗ କୋର୍ଟ ଏବଂ ଜିଲ୍ଲା ଓ ଦୌରା ଜଜ୍ ଅଦାଲତ ଖାରଜ କରିଦେଇଛନ୍ତି । ଜାମିନ ନାକଚ ହେବା ପରେ ତାଙ୍କୁ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପାରଳାଖେମୁଣ୍ଡି ସବ୍-ଜେଲ୍‌କୁ ପଠାଇ ଦିଆଯାଇଛି । ୨୦୨୧ ମସିହା ଜୁଲାଇ ୧୧ ତାରିଖ ରାତିରେ ପାରଳାଖେମୁଣ୍ଡି ସ୍ଥିତ ସରକାରୀ ବାସଭବନରେ ସୌମ୍ୟରଞ୍ଜନ ଗୁରୁତର ଭାବେ ନିଆଁରେ ପୋଡ଼ି ହୋଇଯାଇଥିଲେ ଏବଂ ଜୁଲାଇ ୧୩ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୌମ୍ୟରଞ୍ଜନଙ୍କ ପରିବାର ଲୋକେ ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା, ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ରର ସିଧାସଳଖ ଅଭିଯୋଗ ଆଣିଥିଲେ । ପ୍ରାରମ୍ଭରେ କ୍ରାଇମବ୍ରାଞ୍ଚ ଡିଏଫଓଙ୍କୁ କ୍ଲିନଚିଟ୍ ଦେଇଥିଲେ ମଧ୍ୟ ସୌମ୍ୟଙ୍କ ପରିବାର କୋର୍ଟରେ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଥିଲେ । ଏହାକୁ ଆଧାର କରି ଝଉଔଗ କୋର୍ଟ ଅଭିଯୁକ୍ତମାନଙ୍କୁ ସମନ ଜାରି କରିଥିଲେ ଏବଂ ହାଜର ନ ହେବାରୁ ସେମାନଙ୍କ ବିରୋଧରେ ଅଣଜାମିନଯୋଗ୍ୟ ଗିରଫ ପରୱାନା ଜାରି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଡିଏଫଓଙ୍କ ଅଗ୍ରୀମ ଜାମିନ ଆବେଦନ ନାକଚ ହେବା ପରେ କୋର୍ଟ ତାଙ୍କୁ ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୌମ୍ୟରଞ୍ଜନଙ୍କ ପରିବାର ପକ୍ଷରୁ ଏହି ଆତ୍ମସମର୍ପଣକୁ ସ୍ୱାଗତ କରାଯାଇଥିବା ବେଳେ, ଅନ୍ୟ ଦୁଇ ଅଭିଯୁକ୍ତ (ପତ୍ନୀ ବିଦ୍ୟାଭାରତୀ ଓ ରୋଷେୟା ମନ୍ମଥ କୁମ୍ଭ) ଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି ।

ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କ ବ୍ୟତୀତ ଅନ୍ୟ ଦୁଇ ପ୍ରମୁଖ ଅଭିଯୁକ୍ତ – ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ କୋର୍ଟ କଠୋର ଆଇନଗତ ଆଭିମୁଖ୍ୟ ନେଇଛନ୍ତି । ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ବାରମ୍ବାର ହାଜର ହେବା ପାଇଁ ସମନ ଜାରି କରାଯାଇଥିଲେ ମଧ୍ୟ ବିଦ୍ୟାଭାରତୀ ଏବଂ ମନ୍ମଥ କୁମ୍ଭ କୋର୍ଟରେ ହାଜର ହୋଇ ନଥିଲେ । ଏହାକୁ ଗମ୍ଭୀରତାର ସହ ନେଇ କୋର୍ଟ ଉଭୟ ବିଦ୍ୟାଭାରତୀ ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଅଣଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି । ଦ୍ୟାଭାରତୀ ତାଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାମଲାକୁ ରଦ୍ଦ କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ଉଚ୍ଚ ନ୍ୟାୟାଳୟ ବିଦ୍ୟାଭାରତୀଙ୍କ ଏହି ଆବେଦନକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି, ଯାହାଦ୍ୱାରା ତାଙ୍କ ବିରୋଧରେ ଆଇନଗତ ମାମଲା ପୂର୍ବପରି ଜାରି ରହିଛି । ଯଦି ଅଭିଯୁକ୍ତମାନେ ନିଜ ଆଡୁ କୋର୍ଟରେ ହାଜର ନ ହୁଅନ୍ତି, ତେବେ ପୋଲିସ ସେମାନଙ୍କୁ ତୁରନ୍ତ ଗିରଫ କରି କୋର୍ଟରେ ହାଜର କରାଇବା ପାଇଁ ନିର୍ଦ୍ଦେଶ ରହିଛି । ପୂର୍ବତନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଆତ୍ମସମର୍ପଣ କରି ଜେଲ୍ ଯିବା ପରେ, ସୌମ୍ୟରଞ୍ଜନଙ୍କ ପିତା ଓ ମା' ଗଣମାଧ୍ୟମ ସମ୍ମୁଖରେ ବିଦ୍ୟାଭାରତୀ ଏବଂ ମନ୍ମଥ କୁମ୍ଭଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ପୋଲିସ ଓ ପ୍ରଶାସନ ନିକଟରେ ପୁନର୍ବାର ଦୃଢ଼ ଦାବି କରିଛନ୍ତି । ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପରବର୍ତ୍ତୀ କୋର୍ଟ ଶୁଣାଣି ଏବଂ ଆଇନଗତ ପ୍ରକ୍ରିୟା ଏବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି । ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ଏବେ ଏହି ତିନି ପ୍ରମୁଖ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୦୨ (ହତ୍ୟା) ଏବଂ ୧୨୦-ବି (ଅପରାଧିକ ଷଡ଼ଯନ୍ତ୍ର) ଅଧୀନରେ ବିଚାର ପ୍ରକ୍ରିୟା ପରିଚାଳିତ ହେବ । କୋର୍ଟଙ୍କ ଆଗାମୀ ଶୁଣାଣିଗୁଡ଼ିକରେ ଅଭିଯୁକ୍ତଙ୍କ ବିରୋଧରେ ଆନୁଷ୍ଠାନିକ ଭାବେ ଚାର୍ଜ ଗଠନ କରାଯିବ ଏବଂ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ । ଏସ୍‌ଡିଜେଏମ୍ ଓ ଜିଲ୍ଲା ଦୌରା ଜଜ୍ କୋର୍ଟ ଡିଏଫଓ ସଂଗ୍ରାମ ବେହେରାଙ୍କ ଜାମିନ ଖାରଜ କରି ତାଙ୍କୁ ୧୪ ଦିନ ପାଇଁ ଜେଲ୍ ପଠାଇଛନ୍ତି । ନିୟମିତ ଜାମିନ ପାଇଁ ଡିଏଫଓଙ୍କ ଆଇନଗତ ଟିମ୍ ଖୁବ୍‌ଶୀଘ୍ର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଚଳାଇଛନ୍ତି, ଯାହାର ଶୁଣାଣି ଆଗାମୀ ସପ୍ତାହଗୁଡ଼ିକରେ ହୋଇପାରେ । ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଏବଂ ରୋଷେୟା ମନ୍ମଥ କୁମ୍ଭ କୋର୍ଟରେ ହାଜର ହୋଇ ନଥିବାରୁ, ସେମାନଙ୍କ ବିରୋଧରେ ଜାରି ହୋଇଥିବା ଅଣଜାମିନଯୋଗ୍ୟ ଗିରଫ ପରୱାନା ଆଧାରରେ ପୋଲିସ ସେମାନଙ୍କୁ ଗିରଫ କରି ଆଗାମୀ ଶୁଣାଣି ତାରିଖ ପୂର୍ବରୁ କୋର୍ଟରେ ହାଜର କରାଇବାକୁ ନିର୍ଦ୍ଦେଶ ରହିଛି । ଯଦି ସେମାନେ ଗିରଫ ହୁଅନ୍ତି କିମ୍ବା ନିଜେ ଆତ୍ମସମର୍ପଣ କରନ୍ତି, ତେବେ କୋର୍ଟ ସେମାନଙ୍କ ଜାମିନ ଉପରେ ଶୁଣାଣି କରିବେ । ପ୍ରାରମ୍ଭରେ କ୍ରାଇମବ୍ରାଞ୍ଚ ଡିଏଫଓ ଓ ରୋଷେୟାଙ୍କୁ କ୍ଲିନଚିଟ୍ ଦେଇ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଦର୍ଶାଇଥିଲା. କିନ୍ତୁ କୋର୍ଟ ସୌମ୍ୟଙ୍କ ପରିବାରର ପ୍ରୋଟେଷ୍ଟ ପିଟିସନ ଆଧାରରେ ମାମଲା ଚଳାଇଛନ୍ତି. ତେଣୁ ଆଗାମୀ ଶୁଣାଣିରେ କ୍ରାଇମବ୍ରାଞ୍ଚର ତଦନ୍ତ ରିପୋର୍ଟ ଏବଂ ପରିବାର ପକ୍ଷରୁ ଦିଆଯାଇଥିବା ପ୍ରମାଣକୁ ନେଇ କୋର୍ଟରେ ଜୋରଦାର ତର୍କ ହେବ ।

# ସରକାର ବଦଳିଲା, ବଦଳିଲାନି ଭାଗ୍ୟ

## ନଈ ବଢୁଛି, ଚିନ୍ତା ବଢୁଛି : କାଗଜପତ୍ରରେ ସତର୍କତା

ଭୁବନେଶ୍ୱର, ୦୧/୦୮ (ଜେଏନ୍ଏସ୍) : ଲଗାତାର ବର୍ଷା ଏବଂ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ହେତୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି, ଯାହା ଦ୍ୱାରା ରାଜ୍ୟର ୫ରୁ ୬ଟି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି । ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଯାୟୀ, ପ୍ରାୟ ୫.୫ ଲକ୍ଷରୁ ଅଧିକ ଲୋକ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ ଜଣ ପ୍ରାଣ ହରାଇଛନ୍ତି । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ବନ୍ୟା ଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟର ପ୍ରାୟ ୪୪ଟି ବ୍ଲକ୍, ୨୪୩ଟି ପଞ୍ଚାୟତ ଏବଂ ୭୪୮ଟି ଗ୍ରାମ ବନ୍ୟା ପାଣି ଘେରରେ ରହିଛି, ଯେଉଁଥିରୁ ୨୨୬ଟି ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ରହିଛି । ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି ଓ ମାଲକାନଗିରି ଆଦି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ଅନେକ ତଳିଆ ଅଞ୍ଚଳରେ ପାଣି ପଶିଯାଇଛି । ଆନନ୍ଦପୁର ଓ ଆଖୁଆପଦାଠାରେ ବୈତରଣୀ ଏବଂ ଜଳକା ନଦୀର ଜଳପତନ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଯାଜପୁରର ଦଶରଥପୁର ବ୍ଲକରେ କାଣୀ ନଦୀରେ ୨ଟି ଘାଇ ସୃଷ୍ଟି ହୋଇଛି । ମହାନଦୀରେ ମଧ୍ୟମ ବନ୍ୟା ଆଶଙ୍କା: ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ମୁଣ୍ଡଳୀ ବ୍ୟାରେଜ୍ ନିକଟରେ ପାଣିର ପରିମାଣ ବଢୁଥିବାରୁ ଆଗାମୀ ସମୟରେ



### ବନ୍ୟା ବିପତ୍ତି, ବ୍ୟବସ୍ଥା ନିଷ୍କ୍ରିୟ : ପ୍ରତିଶ୍ରୁତି ବନାମ ବାସ୍ତବତା

ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଛି । ଓଡ଼ିଶା ସରକାରଙ୍କ ସୂଚନା ଅନୁଯାୟୀ ପ୍ରାୟ ୩୦,୦୦୦ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ରାସନ ଯୋଗାଇ ଦିଆଯାଉଛି । ଏନ୍‌ଡିଆରଫ୍, ଓଡୋଫ୍ ଏବଂ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଜରୁରୀକାଳୀନ ସହାୟତା ପାଇଁ ହେଲ୍ପଲାଇନ୍ ନମ୍ବର ୧୧୨ ଜାରି କରାଯାଇଛି । ସ୍ଥିତି ନିୟନ୍ତ୍ରଣ ପାଇଁ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶରେ ୩ ଜଣ ବରିଷ୍ଠ ଓଇଏ ଅଧିକାରୀଙ୍କୁ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ସାପ କାମୁଡ଼ା ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ ଏବଂ ଗର୍ଭବତୀ ମହିଳାମାନଙ୍କୁ ସୁରକ୍ଷିତ ଭାବେ ହସ୍ପିଟାଲ୍ ସ୍ଥାନାନ୍ତର କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ବିଶେଷ ବ୍ୟବସ୍ଥା କରିଛନ୍ତି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ୧୦ଟି ଜିଲ୍ଲାରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ପାଣିପାଗ ବିଭାଗ ଅନୁସାରେ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ସାମାନ୍ୟ କମିଥିଲେ ମଧ୍ୟ ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଛି, ଯାହା ବନ୍ୟା ସ୍ଥିତିକୁ ଆହୁରି ଜଟିଳ କରିପାରେ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ବିଫଳତା ପାଇଁ ବାହାବା ?

# ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ଉତ୍ସବକୁ ନେଇ ପ୍ରଶ୍ନ

## ନୈତିକତାର ନାଟକ ନା ଶକ୍ତି ପ୍ରଦର୍ଶନ ? ଧର୍ମେନ୍ଦ୍ରଙ୍କ ଇସ୍ତଫାକୁ ନେଇ ଆକ୍ରୋଶ

ଭୁବନେଶ୍ୱର, ୦୧/୦୮ (ଜେଏନ୍‌ଏସ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ସଂସଦରେ ସ୍ୱାଗତ ଏବଂ ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ମିଳିଥିବା ଭବ୍ୟ ସମ୍ବର୍ଦ୍ଧନାକୁ ନେଇ ଦେଶ ତଥା ରାଜ୍ୟ ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଟ୍,ୟୁଜି ପ୍ରଶ୍ନପତ୍ର ଲିକ ଏବଂ ପରୀକ୍ଷାରେ ଅନିୟମିତତାକୁ ନେଇ ସାରା ଦେଶରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପକ୍ଷରୁ ବ୍ୟାପକ ଆନ୍ଦୋଳନ ଚାଲିଥିଲା। ଦେଶବ୍ୟାପୀ ତୀବ୍ର ଚାପ ଏବଂ କକ୍ରୋଚ ଜନତା ପାର୍ଟି ସମେତ ସୋନମ ୱାଙ୍ଗଚୁକ ଓ ଅଭିଜିତ ଦୀପକେଙ୍କ ଆମରଣ ଅନଶନ ପରେ, ଜୁଲାଇ ୨୫, ୨୦୨୬ରେ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେଇଥିଲେ। ଯୁବପିଢ଼ି ଓ ଜେନ୍-ଜିର ଆକାଂକ୍ଷାକୁ ସମ୍ମାନ ଜଣାଇ ସେ ଏହି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। ତେବେ ସେ ସମ୍ବଲପୁରର ସାଂସଦ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ଇସ୍ତଫା ଦେବା ପରେ ଜୁଲାଇ ୨୭ରେ ସେ ପ୍ରଥମ ଥର ପାଇଁ ସଂସଦ ପହଞ୍ଚିବା ବେଳେ ମକର ଦ୍ୱାର ନିକଟରେ ବିଜେପି ଏବଂ ଏନ୍‌ଡିଏ ସାଂସଦମାନେ ତାଙ୍କୁ ଉଷ୍ମ ସ୍ୱାଗତ କରିଥିଲେ। ବିଜେପି ସାଂସଦ ସଞ୍ଜୟ ଜାୟସୱାଲ ତାଙ୍କୁ ପଗଡ଼ି ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ ଏବଂ "ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ" ନାରା ଦେଇଥିଲେ। ସଂସଦ





ପରିସରରେ ବିରୋଧୀ ଦଳ (କଂଗ୍ରେସ, ସମାଜବାଦୀ ପାର୍ଟି ଆଦି) ର ସାଂସଦମାନେ ତାଙ୍କୁ ଦେଖି ହୋହଲ୍ଲା କରିଥିଲେ। ପ୍ରଶ୍ନପତ୍ର ଲିକ ପରି ସମ୍ବେଦନଶୀଳ ଘଟଣାରେ ଇସ୍ତଫା ଦେଇଥିବା ନେତାଙ୍କୁ ସଂସଦରେ ଏଭଳି ସମ୍ବର୍ଦ୍ଧନା ଦେବା ଦେଶକୁ ଭୁଲ ବାର୍ତ୍ତା ଦେଉଛି ବୋଲି ବିରୋଧୀ ସମାଲୋଚନା କରିଥିଲେ।

ଜୁଲାଇ ୨୮ରେ ଇସ୍ତଫା ପରେ ପ୍ରଥମ ଥର ଓଡ଼ିଶା ଫେରିବା ସମୟରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ହଜାର ହଜାର ବିଜେପି କର୍ମୀ ଓ ସମର୍ଥକ ଏକାଠି ହୋଇଥିଲେ। ଏହି ସ୍ୱାଗତ ଉତ୍ସବରେ ଓଡ଼ିଶା ସରକାରଙ୍କ ୫ ଜଣ ମନ୍ତ୍ରୀ ଏବଂ ୨୧ ଜଣ ବିଧାୟକ ଉପସ୍ଥିତ ଥିଲେ। ସମର୍ଥକମାନେ ତାଙ୍କୁ ଫୁଲମାଳ ଦେଇ, ପ୍ଲାକାର୍ଡରେ "ଓଡ଼ିଶା ମାଟିର ପୁଅ ସ୍ୱାଗତମ" ଓ "ଆଇ ଷ୍ଟାଣ୍ଡ ୱିଥ୍ ଧର୍ମେନ୍ଦ୍ର ପ୍ରଧାନ" ଲେଖି ସ୍ୱାଗତ କରିଥିଲେ। ରାଜ୍ୟ ବିଜେପି ନେତାଙ୍କ କହିବା ଅନୁଯାୟୀ, ଓଡ଼ିଆ ପୁଅ କେବେ କ୍ଷମତାଲୋଭୀ ନୁହେଁ। ଧର୍ମେନ୍ଦ୍ର ବାବୁ ନୈତିକତା ଦୃଷ୍ଟିରୁ ଏବଂ ଯୁବସମାଜର ସ୍ୱାର୍ଥ ରକ୍ଷା ପାଇଁ ନିଜ ପଦରୁ ଇସ୍ତଫା ଦେଇ ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି, ତେଣୁ ସେ ଏହି ସମ୍ମାନର ଯୋଗ୍ୟ। ବିରୋଧୀ ଦଳ ଏବଂ କିଛି ସାଧାରଣ ନାଗରିକ ସୋସିଆଲ ମିଡିଆରେ ଏହାକୁ "ଲଜ୍ଜାଜନକ ସ୍ୱାଗତ" ବୋଲି ଅଭିହିତ କରିଛନ୍ତି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବା ଏବଂ ପେପର ଲିକ ବିବାଦ ଯୋଗୁଁ ଯେଉଁ ନେତା ଇସ୍ତଫା ଦେଲେ, ତାଙ୍କୁ ଉତ୍ସବ ମନାଇ ସ୍ୱାଗତ କରିବା ବିଜେପିର ଗଣତାନ୍ତ୍ରିକ ସଂସ୍କୃତି ପ୍ରତି ଉପହାସ ବୋଲି ସମାଲୋଚନା କରାଯାଇଛି। ଜଣାଶୁଣା ଅଭିନେତା ପ୍ରକାଶ ରାଜ ଏହାକୁ ନେଇ କଟାକ୍ଷ କରି କହିଛନ୍ତି ଯେ, ଏହା ତାଙ୍କୁ ଆଶ୍ଚର୍ଯ୍ୟ କରୁନାହିଁ, କାରଣ ଭାରତରେ ପୂର୍ବରୁ ମଧ୍ୟ ସାଙ୍ଘାତିକ ବିବାଦରେ ଛନ୍ଦି ହୋଇଥିବା ଲୋକଙ୍କୁ ଏଭଳି ସର୍ବସାଧାରଣରେ ସେଲିବ୍ରେଟ୍ କରାଯାଇଛି। ସଂକ୍ଷେପରେ କହିବାକୁ ଗଲେ, ବିଜେପି ଏହି ଇସ୍ତଫାକୁ ଧର୍ମେନ୍ଦ୍ର ପ୍ରଧାନଙ୍କ 'ତ୍ୟାଗ ଓ ନୈତିକତା'ର ପ୍ରତୀକ ଭାବେ ଦର୍ଶାଇବାକୁ ଚେଷ୍ଟା କରୁଥିବା ବେଳେ, ବିରୋଧୀ ଏବଂ ଛାତ୍ର ସଂଗଠନଗୁଡ଼ିକ ଏହାକୁ 'ପେପର ଲିକ ବିଫଳତାର ଲଜ୍ଜା' ବୋଲି କହି ସମାଲୋଚନା କରୁଛନ୍ତି।

## ୩ରେ ମହାମହିମ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ



ନୂଆଦିଲ୍ଲୀ, ୦୧/୦୮ : ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ୩ ଦିନିଆ ଗସ୍ତ କାଳରେ ସେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ତପ୍ତପାଣିଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବା ପରେ କଟକ ଜିଲ୍ଲାର ଡମପଡ଼ା ତହସିଲ ଅନ୍ତର୍ଗତ ବାଙ୍ଗାଠାରେ ଥିବା ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ। ଏହାପରେ ସେ ଭୁବନେଶ୍ୱର ଫେରି ରାତ୍ରିଯାପନ କରିବେ। ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଭୁବନେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁର ଗସ୍ତ କରିବେ। ସେଠାରୁ ସଡ଼କ ପଥରେ ଯାଇ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମା' କନ୍ଧୁଣୀ ଦେବୀ ପୀଠ (ତପ୍ତପାଣି) ଦର୍ଶନ ଓ ଆରତୀ କରିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ।

## ଅଜିତ ଡୋଭାଲଙ୍କୁ ଲୋକମାନ୍ୟ ତିଲକ ଜାତୀୟ ପୁରସ୍କାର



ନୂଆଦିଲ୍ଲୀ,୧।୮ : କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପୁଣେରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ସମ୍ମାନିତ କରିଛନ୍ତି। ଲୋକମାନ୍ୟ ତିଲକ ସ୍ମାରକୀ ଟ୍ରଷ୍ଟ ଦ୍ୱାରା ଅଜିତ ଡୋଭାଲଙ୍କୁ ପ୍ରତିଷ୍ଠିତ ଲୋକମାନ୍ୟ ତିଲକ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଶାହା ତାଙ୍କୁ ଏକ ପାରମ୍ପରିକ ପୁନେରୀ ପଗଡ଼ି, ଏକ ସ୍ମାରକୀ, ଏକ ଚେକ ଏବଂ 'ଗୀତା ରହସ୍ୟ' ପୁସ୍ତକର ଏକ କପି ପ୍ରଦାନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ୧୦୬ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଜିତ ଡୋଭାଲଙ୍କୁ ଭାରତର ସୁରକ୍ଷା ବ୍ୟବସ୍ଥାରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ବିବେଚନା କରାଯାଏ। ଏହି ପୁରସ୍କାର ସହିତ ଅଜିତ ଡୋଭାଲ ଦେଶର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସାମିଲ ହୋଇଛନ୍ତି, ଯେଉଁମାନେ ପୂର୍ବରୁ ଏହି ସମ୍ମାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଡକ୍ଟର ମନମୋହନ ସିଂ ଏବଂ ଇନ୍ଦିରା ଗାନ୍ଧୀ ମଧ୍ୟ ସାମିଲ ଅଛନ୍ତି। ତିଲକ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ଦୀପକ ତିଲକ କହିଛନ୍ତି ଯେ ଜାତୀୟ ସୁରକ୍ଷା ପ୍ରତି ତାଙ୍କର ଅନନ୍ୟ ଏବଂ ସାହସିକ ଜୀବନବ୍ୟାପୀ ଅବଦାନ ପାଇଁ ଡୋଭାଲଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ସୁନେତ୍ରା ପାୱାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କେରଳ କ୍ୟାଡରର ୧୯୬୮ ବ୍ୟାଚ ଆଇପିଏସ ଅଧିକାରୀ, ଅଜିତ ଡୋଭାଲ ଭାରତର ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି ଏନଏସଏରେ କାର୍ଯ୍ୟ କରୁଥିବା। ଯପାକିସ୍ତାନରେ ତାଙ୍କର ଗୁପ୍ତ ମିଶନ ଏବଂ ତାଙ୍କ ପୋଲିସ ସେବା ସମୟରେ ମିଜୋରାମରେ ଶାନ୍ତି ଚୁକ୍ତିକୁ ସହଜ କରିବା ପାଇଁ ଜଣାଶୁଣା, ଡୋଭାଲ ଦେଶର ପ୍ରଥମ ପୋଲିସ ଅଧିକାରୀ ଯିଏ ଶାନ୍ତି ସମୟର ଦ୍ୱିତୀୟ ସର୍ବୋଚ୍ଚ ସାମରିକ ସମ୍ମାନ 'କୀର୍ତ୍ତି ଚକ୍ର' ପାଇଛନ୍ତି।

# ଛୁରୀ ଭୁସି ସହପାଠୀଙ୍କୁ ହତ୍ୟା

## ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

କୋରାପୁଟ, ୦୧/୮ (ଜେଏନ୍‌ଏସ୍): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡରେ ଶୁକ୍ରବାର ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ଦଶମ ଶ୍ରେଣୀ ଛାତ୍ର କୁ ତାଙ୍କର ସହପାଠୀ ଓ ବଡ଼ ଭାଇ ମିଶି ହତ୍ୟା କରିଛନ୍ତି। ଯାହା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ବାରିଣୀପୁଟ୍ଟ ଅଞ୍ଚଳର ମହେଶ ହିଆଲ ନାମକ ଜଣେ ଛାତ୍ର ମଧ୍ୟାହ୍ନ ଭୋଜନ ପାଇଁ ବାରିଣୀପୁଟ୍ଟ ହାଇସ୍କୁଲ ରୁ ଘରକୁ ଯାଉଥିଲା। ଏହି ସମୟରେ ରାଜକୁମାର ହିଆଲଙ୍କ ଦୁଇ ପୁଅ ଜଣେ ମହେଶ ଙ୍କ ସହପାଠୀ ଓ ତାଙ୍କ ଭାଇ ମିଶି ବାଟରେ ଅଟକାଇ ଥିଲେ। ଜଣେ ମହେଶ କୁ ଧରିଥିବା ବେଳେ ଅନ୍ୟ ଜଣେ ପେଟକୁ ଛୁରୀ ଭୁସି ଚାଲିଥିଲା। ଯେତେ ଚେଷ୍ଟା କରି ମଧ୍ୟ ଉଭୟ ଭାଇଙ୍କ କବଳରୁ ମୁକୁଳି ପାରି ନ ଥିଲା। ଯାହା ଫଳରେ ସେଠାରେ ଗୁରୁତର ହୋଇ ପଡିଥିଲା।

ଏହି ଘଟଣା ପରେ କିଛି ଛାତ୍ର ପାଟି କରିବା ପରେ ଆକ୍ରମଣକାରୀ ଦ୍ୱୟ ସେଠାରୁ ଖସି ପଳାଇ ଯାଇଥିଲେ। ଖବର ପାଇ ପରିବାର ଲୋକେ ସେଠାରୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିଯୋଗୁଁ ସେଠାରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଜିଦ୍ ଧରି ୩୨୬ ନମ୍ବର ଜାତୀୟ ରାଜପଥ କୁ ଅବରୋଧ କରିଥିଲେ। ଯେଉଁଥିପାଇଁ ପ୍ରାୟ ୪ ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା। ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଓ ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ୨୪ ଘଣ୍ଟା ମଧ୍ୟରେ ଅପରାଧୀ ଙ୍କୁ ଧରିବା ପାଇଁ କରିଥିବା ଦାବି ଅନୁଯାୟୀ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ଅନ୍ୟ ପକ୍ଷରେ ମୃତ ଛାତ୍ରଙ୍କ ପରିବାର ଲୋକେ ହତ୍ୟା କାରୀଙ୍କ ଘରେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ତେବେ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ହତ୍ୟା କାରୀଙ୍କ ମଧ୍ୟରେ ଜଣେ ମହେଶ ଙ୍କ ସହପାଠୀ ଏ ଅନ୍ୟ ଜଣେ ହେଉଛନ୍ତି ତାଙ୍କ ବଡ଼ଭାଇ। ଏନେଇ ଏକ ମାମଲା ରୁଜୁ ହୋଇଛି। ତେବେ ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କରାଯାଇଛି।

# ଖରସ୍ରୋତାରେ ୮୦ ଫୁଟର ଘାଇ ; ବିଞ୍ଝାରପୁର ଜଳମଗ୍ନ

ଯାଜପୁର,୦୧/୦୮ (ଜେଏନ୍‌ଏସ୍): ଯାଜପୁର ଜିଲ୍ଲା ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନୂଆମାହାରା ଠାରେ ଖରସ୍ରୋତା ନଦୀବନ୍ଧ ଭାଙ୍ଗି ପ୍ରାୟ ୮୦ ଫୁଟର ଏକ ବଡ଼ ଘାଇ ସୃଷ୍ଟି ହୋଇଛି. ଏହି ଘଟଣାକୁ ନେଇ ସ୍ଥାନୀୟ ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବର୍ତ୍ତମାନର ସରକାର ଓ ପ୍ରଶାସନ ଉପରେ ପ୍ରବଳ ବର୍ଷିଛନ୍ତି । ଲଗାଣ ବର୍ଷା ଓ ବନ୍ୟା ଜଳର ପ୍ରବଳ ଚାପ ଯୋଗୁଁ ନୂଆମାହାରା ଅଞ୍ଚଳରେ ଖରସ୍ରୋତା ନଦୀବନ୍ଧରେ ଏହି ବଡ଼ ଘାଇ ସୃଷ୍ଟି ହୋଇଛି। ଘାଇ ଦେଇ ପ୍ରବଳ ବନ୍ୟା ପାଣି ମାଡ଼ିଯିବା ଫଳରେ ବିଞ୍ଝାରପୁର ଏବଂ ଦଶରଥପୁର ବ୍ଲକର ଅନେକ ପଞ୍ଚାୟତ (ଯେପରିକି କୟାଁ, କମାରଡ଼ିହ ଓ ଖାନନଗର) ଜଳମଗ୍ନ ହୋଇ ଶହ ଶହ ପରିବାର ପ୍ରଭାବିତ ହୋଇଛନ୍ତି ।



ବିଧାୟିକା ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି ଯେ, ନଦୀବନ୍ଧ ଦୁର୍ବଳ ଥିବା ନେଇ ପୂର୍ବରୁ ସୂଚନା ଥିଲେ ହେଁ ପ୍ରଶାସନ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି ଆଗୁଆ ପଦକ୍ଷେପ ନେଲାନାହିଁ, ଯାହା ସରକାରଙ୍କ ଦାୟିତ୍ୱହୀନତାକୁ ଦର୍ଶାଉଛି । ବନ୍ୟା ବିପନ୍ନଙ୍କୁ ମାତ୍ର ୨୫୦ ଗ୍ରାମ୍ ଚୁଡ଼ା ଓ ସାମାନ୍ୟ ସହାୟତା ଦେଇ ସରକାର ବଡ଼ ବଡ଼ କଥା କହୁଛନ୍ତି ବୋଲି ସେ ଆକ୍ଷେପ କରିଛନ୍ତି । ପ୍ରଭାବିତ ଲୋକଙ୍କ ନିକଟରେ ଉପଯୁକ୍ତ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ପହଞ୍ଚୁ ନଥିବା ସେ ପ୍ରକାଶ କରିଛନ୍ତି । ପ୍ରମିଳା ମଲ୍ଲିକ ନିଜେ ବିପନ୍ନ ଅଞ୍ଚଳ ଗସ୍ତ କରି ପ୍ରଭାବିତ ଲୋକମାନଙ୍କୁ ଭେଟିବା ସହ ସେମାନଙ୍କ ଦୁଃଖ ସୁଖ ବୁଝିଛନ୍ତି । ବିଞ୍ଝାରପୁର ଅଞ୍ଚଳବାସୀ ଏବଂ ବିରୋଧୀ ଦଳ ପକ୍ଷରୁ ଏହି ଘାଇର ତୁରନ୍ତ ମରାମତି ଏବଂ ନଦୀବନ୍ଧର ସ୍ଥାୟୀ ସୁଦୃଢ଼ୀକରଣ ସହ ଉଚ୍ଚତା ବୃଦ୍ଧି ପାଇଁ ପ୍ରଶାସନ ନିକଟରେ ଦୃଢ଼ ଦାବି କରାଯାଇଛି ।

## ରାଶିଫଳ

**ମେଷ :** କର୍ମକ୍ଷେତ୍ରରେ ପରିଶ୍ରମ ଅନୁଯାୟୀ ସଫଳତା ଓ ନୂଆ ସୁଯୋଗ ମିଳିବ। ଧୈର୍ଯ୍ୟ ରଖନ୍ତୁ ଏବଂ ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ସଚେତନ ରୁହନ୍ତୁ।

**ବୃଷ :** ଶୁକ୍ରଙ୍କ ପ୍ରଭାବରୁ ସୁଖ-ସମୃଦ୍ଧି ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ମଜବୁତ ହେବ ଓ ଜୀବନସାଥୀଙ୍କ ସହଯୋଗ ମିଳିବ।

**ମିଥୁନ :** ଏହି ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଭାଗ୍ୟଶାଳୀ ଓ ଲାଭପ୍ରଦ ରହିବ। ଚାକିରିରେ ପଦୋନ୍ନତି ଏବଂ ବାହନ ସୁଖ ମିଳିବାର ଯୋଗ ଅଛି।

**କର୍କଟ :** ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ ଏବଂ ଅଟକି ରହିଥିବା ଧନ ଫେରିପାଇବେ। ମାତାଙ୍କ ସ୍ୱାସ୍ଥ୍ୟର ଧ୍ୟାନ ନିଅନ୍ତୁ ଓ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ।

**ସିଂହ :** ସମାଜରେ ପ୍ରତିଷ୍ଠା ବଢ଼ିବ ଓ ସନ୍ତାନମାନଙ୍କ ତରଫରୁ ଖୁସି ଖବର ମିଳିବ। କଥାବାର୍ତ୍ତା ଉପରେ ନିୟନ୍ତ୍ରଣ ରଖନ୍ତୁ ଓ ସତର୍କତାର ସହ ଆର୍ଥିକ କାରବାର କରନ୍ତୁ।

**କନ୍ୟା :** ବ୍ୟକ୍ତିତ୍ୱରେ ଚମକ ଆସିବ ଏବଂ ସୃଜନଶୀଳ କାର୍ଯ୍ୟରେ ବଡ଼ ସଫଳତା ମିଳିବ। ଆୟର ନୂଆ ଉତ୍ସ ପ୍ରାପ୍ତ ହେବ ଓ ପରିବାର ସହ ଭ୍ରମଣ ଯୋଗ ରହିଛି।

**ତୁଳା :** ପୁରୁଣା ସମସ୍ୟାର ସମାଧାନ ହେବ ଏବଂ ଅଫିସରେ ଆପଣଙ୍କ କାମକୁ ପ୍ରଶଂସା ମିଳିବ। ଘରକୁ ଅତିଥି ଆସିପାରନ୍ତି, ଆଖି ଜନିତ ସମସ୍ୟା ପ୍ରତି ସତର୍କ ରୁହନ୍ତୁ।

**ବିଛା :** ପ୍ରତିଯୋଗିତାମୂଳକ କ୍ଷେତ୍ରରେ ସଫଳତା ମିଳିବ ଓ ଭାଇ-ଭଉଣୀଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ, ପେଟ ଜନିତ ସମସ୍ୟାରୁ ସାବଧାନ ରୁହନ୍ତୁ।

**ଧନୁ :** ଆଇନଗତ ସମସ୍ୟାରୁ ମୁକ୍ତି ମିଳିବ ଏବଂ ଭାଗ୍ୟର ପୂର୍ଣ୍ଣ ସହଯୋଗ ପାଇବେ। ଚାକିରି ବଦଳାଇବା ପାଇଁ ଭଲ ସୁଯୋଗ ମିଳିବ ଓ ଆର୍ଥିକ ସ୍ଥିତି ସନ୍ତୋଷଜନକ ରହିବ।

**ମକର :** କଠିନ ପରିଶ୍ରମ ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିବେ, ମାତ୍ର କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇପାରେ। ବାପା-ମାଆଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ଓ ମାନସିକ ଚାପରୁ ଦୂରେଇ ରୁହନ୍ତୁ।

**କୁମ୍ଭ :** ସମାଜରେ ସମ୍ମାନ ବୃଦ୍ଧି ପାଇବ ଓ ଅଂଶୀଦାରୀ ବ୍ୟବସାୟରେ ବଡ଼ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ ଏବଂ କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିବ।

**ମୀନ :** ମନ ସନ୍ତୋଷ ରହିବ ଏବଂ ଅଟକି ରହିଥିବା ସରକାରୀ କାମ ସୁରୁଖୁରୁରେ ସମ୍ପୂର୍ଣ୍ଣ ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ, ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ୟା ସ୍ଥିତି ପରଖିଲେ...

ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାରେ ଯେମିତି କୌଣସି ଜୀବନହାନି ନହୁଏ, ତାହାକୁ ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିମ୍ନକ୍ରମ ଅଞ୍ଚଳରେ ଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନାନ୍ତର କରିବାକୁ କୁହାଯାଇଛି। ନଦୀଗୁଡ଼ିକର ବିପଦ ସଙ୍କେତ ଏବଂ ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ମାଧ୍ୟମରେ ଦିନରାତି ନଜର ରଖିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଆଶ୍ରୟସ୍ଥଳୀରେ ପର୍ଯ୍ୟାପ୍ତ ପରିମାଣର ରନ୍ଧାଖାଦ୍ୟ, ସ୍ୱଚ୍ଛ ପାନୀୟ ଜଳ, ଓ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ ସାପ କାମୁଡ଼ା ରୋଗର ଔଷଧ ମହଜୁଦ୍ ରଖିବାକୁ କୁହାଯାଇଛି। ପ୍ରାଣୀ ସମ୍ପଦ ପାଇଁ ଗୋ-ଖାଦ୍ୟର ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ବନ୍ୟା ପାଣି ଛାଡ଼ିବା ମାତ୍ରେ ଚାଷ ଜମି ଏବଂ ଭାଙ୍ଗି ଯାଇଥିବା ଘର ଗୁଡ଼ିକର ତୁରନ୍ତ ଆକଳନ କରି ବିପନ୍ନଙ୍କୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ସମୟରେ ରାଜନୀତି ମଧ୍ୟ ତେଜିଛି। ରାଜ୍ୟରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବାରୁ ବିରୋଧୀ ବିଜେଡି ଏବଂ କଂଗ୍ରେସ ତାଙ୍କୁ ସମାଲୋଚନା କରିଥିଲେ। ଏହାର ଜବାବରେ ବିଜେପି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ମହାନଦୀ ଜଳବଣ୍ଟନ ବିବାଦର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ନିଜର "ରାଜଧର୍ମ" ପାଳନ କରୁଥିଲେ।

### ଭଦ୍ରକରେ ବନ୍ୟା ସ୍ଥିତି...

ଚାଲୁଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର ପୁନର୍ବାର ବୃଦ୍ଧି ପାଇବାରେ ଲାଗିଛି । ଏହା ସହିତ ଶାଖା ନଦୀ ନାଳିଆ, ରେବ, କପାଳି ଓ ଗେଙ୍ଗୁଟି ମଧ୍ୟ ବିପଦ ସଙ୍କେତ ଉପରେ ରହିଛନ୍ତି । ବନ୍ୟା ଜଳ ବ୍ୟାପିବା ଯୋଗୁଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଭଦ୍ରକସ୍ଥିତ ବାସଭବନ ଚାରିପାଖ ମଧ୍ୟ ପାଣିଘେରରେ ରହିଛି । କୋଠାର ଠାରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ଉପରେ ୪ ଫୁଟର ବନ୍ୟା ପାଣି ଚାଲୁଥିବାରୁ ଗମନାଗମନ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଧାମନଗରରେ ସର୍ବାଧିକ ପ୍ରଭାବ: ଜିଲ୍ଲାର ଧାମନଗର ବ୍ଲକର ପ୍ରାୟ ୩୦ଟି ପଞ୍ଚାୟତର ୧୪୭ଟି ଗ୍ରାମ ବନ୍ୟା ଦ୍ୱାରା ଆକ୍ରାନ୍ତ ହୋଇଛି । ଏହା ସହିତ ଭଣ୍ଡାରିପୋଖରୀ ଓ ତିହିଡ଼ି ବ୍ଲକ୍‌ର ଶହ ଶହ ଗ୍ରାମ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସର୍ବାଧିକ ବିପଦପୂର୍ଣ୍ଣ ଅଞ୍ଚଳରୁ ୧.୫୮ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ବିପନ୍ନଙ୍କ ପାଇଁ ଜିଲ୍ଲାରେ ୨୮୬ଟି ମୁକ୍ତ ରନ୍ଧାଖାଦ୍ୟ କେନ୍ଦ୍ର ଚାଲୁ ରହିଛି । ଏହା ସହିତ ବହୁ ପରିମାଣର ଚୁଡ଼ା ଓ ଗୁଡ଼ ପ୍ରଭାବିତ ପରିବାରକୁ ବଣ୍ଟନ କରାଯାଉଛି। ଏନ୍‌ଡିଆର୍‌ଏଫ୍,ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀର ଟିମ୍‌ଗୁଡ଼ିକ ୨୪ ଘଣ୍ଟା ବୋଟ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

### ଓଡ଼ିଶାରେ ବନ୍ୟା...

ପୁରୀ ଜିଲ୍ଲାକୁ ହାଇ ଆଲର୍ଟରେ ରଖାଯାଇଛି। ମୁଣ୍ଡଳୀଠାରେ ବର୍ତ୍ତମାନ ଜଳସ୍ତରରେ ସାମାନ୍ୟ ହ୍ରାସ ଘଟିଥିଲେ ହେଁ ମହାନଦୀ ଶାଖା ନଦୀଗୁଡ଼ିକରେ ବନ୍ୟା ଚାପ ବଢ଼ିବାର ଆଶଙ୍କା ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ଆଦି ଉତ୍ତର ଓଡ଼ିଶାର ପ୍ରାୟ ୫୭ଟି ବ୍ଲକ୍ ଜଳବନ୍ଦୀ ଅବସ୍ଥାରେ ରହିଛି । ଭଦ୍ରକର ଶାଳନ୍ଦୀ ନଦୀ କୂଳ ଲଂଘିବା ଯୋଗୁଁ ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ଚାରିପାଖେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିଛି । ବନ୍ୟା ଏବଂ ଦେୱାଲ୍ ଭାଙ୍ଗିବା ଯୋଗୁଁ ଢେଙ୍କାନାଳରେ ୪ ଜଣ ଏବଂ କେନ୍ଦୁଝରରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ଆସିଛି । ଯାଜପୁର ଜିଲ୍ଲାର ଧର୍ମଶାଳା ଏବଂ ବିଞ୍ଝାରପୁର ଅଞ୍ଚଳରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ପାଣି ପଶିବାରୁ ଶହ ଶହ ଏକର ଧାନ ଏବଂ ପନିପରିବା ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି, ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ଏନ୍‌ଡିଆର୍‌ଏଫ୍,ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ସରକାରଙ୍କ ଘୋଷଣା ଅନୁଯାୟୀ, ବନ୍ୟା ପାଣି ନ ଶୁଖିବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ । ବାଲେଶ୍ୱରର ବନ୍ୟା ଅଞ୍ଚଳରୁ ବହୁ ଗୋରୁଗାଈଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପାଇଁ ଗୋ-ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଛି ।

### ବଢ଼ିଲା ଭୋଟର ତାଲିକା...

ନାମ ତାଲିକାରୁ କାଟିବା ପାଇଁ ଆବେଦନ (ଫର୍ମ-୭)ରେ ନାମକୁ ବାଦ ଦେଇପାରିବେ । ଭୋଟର କାର୍ଡରେ ଥିବା ନାମ, ବୟସ, ଠିକଣା ବା ଫଟୋର ଭୁଲ୍ ସଂଶୋଧନ କରିପାରିବେ (ଫର୍ମ-୮) । ସ୍ୱେଚ୍ଛାକୃତ ଭାବେ ଫର୍ମ-୬ ବି ଭୋଟର କାର୍ଡ ସହ ଆଧାର ନମ୍ବର ସଂଯୋଗ କରିପାରିବେ । ଆପଣ ଦୁଇଟି ଉପାୟରେ ଆବେଦନ ପ୍ରକ୍ରିୟା ସମ୍ପାଦନ କରିପାରିବେ । ପ୍ରଥମଟି ଅନଲାଇନ୍ ମାଧ୍ୟମରେ ଭାରତୀୟ ନିର୍ବାଚନ କମିଶନଙ୍କ ଅଫିସିଆଲ୍ ୱେବସାଇଟ୍ ଭୋଟରସ ସର୍ଭିସ ପୋର୍ଟାଲ କିମ୍ବା ଭୋଟର ହେଲପଲାଇନ ଆପ୍ ମାଧ୍ୟମରେ ଘରେ ବସି ନିଜେ ଆବେଦନ କରିପାରିବେ । ଅନ୍ୟଟି ଅଫଲାଇନ୍ ମାଧ୍ୟମରେ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟକୁ ଯାଇ ନିର୍ଦ୍ଧାରିତ ଫର୍ମ ପୂରଣ କରି ଜମା କରିପାରିବେ ।

### ମୋଦୀଙ୍କୁ ଭୁଲ ମାଗିଲେ...

ଜାଆଁଳା ଭଉଣୀ ମଧ୍ୟ ସୋସିଆଲ ମିଡିଆରେ ନିଜର ପ୍ରତିକ୍ରିୟା ରଖି ଛାତ୍ର ଆନ୍ଦୋଳନରେ ଏଭଳି ଭାଷାର ବ୍ୟବହାରକୁ ନିନ୍ଦା କରିଛନ୍ତି। ଗତ ଜୁଲାଇ ୨୯ ତାରିଖରେ ନୋଏଡ଼ା ପୋଲିସ ଷ୍ଟେସନରେ ଏହି ଆପତ୍ତିଜନକ ସ୍ଲୋଗାନ ବିରୋଧରେ ଏକ ଜିରୋ ଏଫ୍‌ଆଇଆର୍ ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାକୁ ନୂଆଦିଲ୍ଲୀର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନକୁ ସ୍ଥାନାନ୍ତର କରାଯାଇଛି।
ଏହି ଘଟଣାର ମାତ୍ର କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ବାର୍ତ୍ତା ସେୟାର କରିଥିଲେ। ସେ କହିଥିଲେ ଯେ, ତାଙ୍କୁ ଏବଂ ତାଙ୍କ ସ୍ୱର୍ଗତ ମାଆଙ୍କୁ ଦିଆଯାଇଥିବା ଗାଳି ନିଶ୍ଚିତ ଭାବେ ଦୁଃଖଦାୟକ, ମାତ୍ର ବିପଥଗାମୀ ଯୁବପିଢ଼ିଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ସେମାନଙ୍କୁ ସୁଧାରିବା ପାଇଁ ସମାଜ ସୁଯୋଗ ଦେବା ଉଚିତ୍। ସେ ସେମାନଙ୍କୁ କ୍ଷମା କରିଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

### ହୀରାକୁଦ-ମହାନଦୀ...

ଅଧିକ ପାଣି ଆସୁଥିବାରୁ ଜଳସ୍ତର ଉପରେ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି ଏବଂ ତଳମୁଣ୍ଡରେ ଥିବା ନଦୀକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ଆଜି ସୁଦ୍ଧା ମହାନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି. ହୀରାକୁଦ ଡ୍ୟାମରୁ ୨୨ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ଜାରି ରହିଥିବାରୁ ତଳମୁଣ୍ଡରେ ଜଳସ୍ତର ଆଗକୁ ଆହୁରି ବଢ଼ିବା ଆଶଙ୍କା ରହିଛି। ବର୍ତ୍ତମାନ ବିଭିନ୍ନ ବ୍ୟାରେଜ୍ ଏବଂ ପ୍ରମୁଖ ସ୍ଥାନରେ ମହାନଦୀର ସ୍ଥିତି ନିମ୍ନରୁପେ ରହିଛି। ମୁଣ୍ଡଳୀଠାରେ ବର୍ତ୍ତମାନ ପ୍ରତି ସେକେଣ୍ଡରେ ପ୍ରାୟ ୭.୧୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଜଳସ୍ତର ସାମାନ୍ୟ ହ୍ରାସ ପାଇ ଏବେ ବିପଦ ସଂକେତ ତଳେ ରହିଛି. ମାତ୍ର ହୀରାକୁଦରୁ ଛଡ଼ାଯାଇଥିବା ବନ୍ୟା ଜଳ ଆସନ୍ତାକାଲି (ରବିବାର) ସୁଦ୍ଧା ମୁଣ୍ଡଳୀରେ ପହଞ୍ଚିବା ପରେ ଜଳସ୍ତର ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଇବ। ମହାନଦୀର ଜଳସ୍ତରକୁ ଦୃଷ୍ଟିରେ ରଖି ଓଡ଼ିଶାର ପ୍ରାୟ ୧୫ଟି ଜିଲ୍ଲା ବିଶେଷ କରି କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ବୌଦ୍ଧ ଜିଲ୍ଲାକୁ ହାଇ ଆଲର୍ଟରେ ରଖାଯାଇଛି। ମହାନଦୀ ସହ ଏହାର ଶାଖା ନଦୀ ଯେପରିକି ଲୁଣା, କରାଣ୍ଡିଆ, ଚିତ୍ରପ୍ରୋଳା, ପାଇକା, ଦେବୀ ଏବଂ ରଣ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି, ଯାହା ଫଳରେ ତଳିଆ ଅଞ୍ଚଳରେ ପାଣି ପଶିବା ଆରମ୍ଭ ହୋଇଛି। କଟକ ବଡ଼ମ୍ବାର ପ୍ରସିଦ୍ଧ ଶକ୍ତିପୀଠ ମା' ଭଟ୍ଟାରିକାଙ୍କ ମନ୍ଦିର ମଧ୍ୟକୁ ବନ୍ୟା ଜଳ ପ୍ରବେଶ କରିଛି।

### ବିକଳ୍ପ ରାଜନୀତି...

ତୀବ୍ର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ସରକାର ବିରୋଧୀ ଆନ୍ଦୋଳନ ଜାରି ରଖିଥିଲେ ବି ଦଳର ବରିଷ୍ଠ ନେତାମାନଙ୍କ ଖୋଲା ସମର୍ଥନ ମିଳୁନାହିଁ। ନିଜ ଭବିଷ୍ୟତ ଅନ୍ଧାର ହେବା ଭୟରେ କିଛି ନେତା ଗୋଡ଼ ଟାଣୁଥିବାରୁ ୨୦୦୦ ମସିହାରୁ କ୍ଷମତା ବାହାରେ ଥିବା କଂଗ୍ରେସ ଆଜି ବି ଦୁର୍ବଳ ଅବସ୍ଥାରେ ରହିଛି। ଶାସକ ଓ ବିରୋଧୀଙ୍କ ଏଭଳି ସ୍ଥିତିକୁ ଦେଖି ଓଡ଼ିଶାବାସୀ ଏବେ ଏକ ନୂଆ ବିକଳ୍ପ ରାଜନୈତିକ ମଞ୍ଚ ଅପେକ୍ଷାରେ ଅଛନ୍ତି। ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଜନତା କଂଗ୍ରେସ ଦଳକୁ ୩ ମାସ ବିତିସାରିଛି। ସୁଧାଂଶୁ ପାତ୍ରଙ୍କ ଦ୍ୱାରା ଗଠିତ ଓଡ଼ିଶା ସ୍ୱାଭିମାନ ମଞ୍ଚ ନୂଆ ଶିକ୍ଷାନୀତି, ପ୍ରାଥମିକ ଶିକ୍ଷାରେ ତ୍ରୁଟିପୂର୍ଣ୍ଣ ବହି ଓ ସରକାରଙ୍କ ବିଫଳତାକୁ ନେଇ ଜନସମର୍ଥନ ଯୋଗାଡ଼ କରୁଛନ୍ତି। ବିଜୟ ମହାପାତ୍ର ଓ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଉଦ୍ୟମରେ ବିଜୁ ଲିଗାସି ଅଧାବାଟରେ ରହିଛି। ରାଜ୍ୟର ବିଶିଷ୍ଟ ବୁଦ୍ଧିଜୀବୀମାନେ ଏକାଠି ହୋଇ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏକ ନୂଆ ଆଞ୍ଚଳିକ ଦଳ ଗଠନ କରି ଜନଜାଗରଣ ସୃଷ୍ଟି କରିବାକୁ ସଂକଳ୍ପ ନେଇଛନ୍ତି। ବଦଳୁଥିବା ରାଜନୈତିକ ସମୀକରଣ ଉପରେ ଜନତା ନଜର ରଖିଛନ୍ତି। ଶାସକ ବିଜେପି ଉପରୁ ବିଶ୍ୱାସ ତୁଟୁଥିବା ବେଳେ ବିଜେଡିକୁ ଆପଣାଇବାକୁ ଲୋକେ ଦ୍ୱନ୍ଦ୍ୱରେ ଅଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ନୂତନ ଆଞ୍ଚଳିକ ବିକଳ୍ପ ଓଡ଼ିଶା ରାଜନୀତିର ଚିତ୍ର ବଦଳାଇବାରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଲା।

ବନ୍ଦେଭାରତ ଟ୍ରେନ୍ ସାହାଯ୍ୟରେ ବଞ୍ଚିଲା ଅନ୍ୟର ଜୀବନ

## ଅଙ୍ଗ ଦାନ କଲେ ଓଡ଼ିଆ ପୁଅ ମିଥୁନ୍

ଭୁବନେଶ୍ୱର, ୦୧/୦୮ (ଜେଏନ୍‌ଏସ୍) : ଗଞ୍ଜାମ ଜିଲ୍ଲାର ପ୍ରବାସୀ ଶ୍ରମିକ ମିଥୁନ୍ ସ୍ୱାଇଁ (୩୬) ଗୁଜୁରାଟର ସୁରଟଠାରେ କାର୍ଯ୍ୟ କରୁଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ସୁରଟର ସିଭିଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ମିଥୁନ୍‌ଙ୍କ ପରିବାରର ସହମତି କ୍ରମେ ତାଙ୍କର ହୃତ୍‌ପିଣ୍ଡ, ଲିଭର ଓ ଦୁଇଟି ଯାକ କିଡ୍‌ନି ଦାନ କରିବାକୁ ନିଷ୍ପତି ନିଆଯାଇଥିଲା। ଯାହା ଫଳରେ ୪ ଜଣ ବ୍ୟକ୍ତି ନୂଆ ଜୀବନ ପାଇଛନ୍ତି। ହୃତ୍‌ପିଣ୍ଡ ସ୍ଥାନାନ୍ତରଣ ପାଇଁ ବିମାନ ପଥର ବ୍ୟବହାର ହେବାକୁ ଥିଲେ ମଧ୍ୟ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନ ଥିଲା। ଫଳରେ ଗ୍ରୀନ୍ କରିଡର ମାଧ୍ୟମରେ ମାତ୍ର ୨ ଘଣ୍ଟା ୩୦ ମିନିଟ୍ ମଧ୍ୟରେ ବନ୍ଦେଭାରତ ଏକ୍ସପ୍ରେସ୍ ମାଧ୍ୟମରେ ଜୀବନ୍ତ ହାର୍ଟ ଅଣାଯାଇଥିଲା। ତେଣୁ ପ୍ରଥମଥର ପାଇଁ ରେଳପଥ ମାଧ୍ୟମରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଭାରତ ଏକ ନୂଆ ଇତିହାସ ସୃଷ୍ଟି କରିଛି।

ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)


## ଏ ସପ୍ତାହର ପ୍ରମୁଖ ଖବର

✦ **ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଟ୍ରେନ୍ ଯାତ୍ରା ପୂର୍ବରୁ ଭୁବନେଶ୍ୱର ରେଳ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହ ହାଇ ଆଲର୍ଟ ଜାରି।

✦ **ଭିଜିଲାନ୍ସ ଜାଲରେ ସରକାରୀ କର୍ମଚାରୀ:** ବ୍ରହ୍ମଗିରି ତହସିଲର ଜଣେ କ୍ଲର୍କ ଓ ତାଙ୍କ ଡ୍ରାଇଭର ଲାଞ୍ଚ ନେବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ।

✦ **ଭୁବନେଶ୍ୱର କୁଆଖାଇ ଦୁର୍ଘଟଣା:** ଭୁବନେଶ୍ୱରର କୁଆଖାଇ ନଦୀକୁ ଡେଇଁ ଜଣେ ମହିଳା ନିଖୋଜ ହୋଇଥିବା ସୂଚନା।

✦ **ଜଗତସିଂହପୁରରେ ଅଘଟଣ:** ହଂସୁଆ ନଦୀର ପ୍ରବଳ ସ୍ରୋତରେ ୨ ଜଣ ଯୁବକ ଭାସିଯାଇଛନ୍ତି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

✦ **ସାଇବର ଚାଲାଣ ବ୍ୟବସ୍ଥା:** ଓଡ଼ିଶାର ଆହୁରି ୪ଟି ଜାତୀୟ ରାଜପଥ କରିଡରରେ ଆଜିଠାରୁ 'ଇଣ୍ଟେଲିଜେଣ୍ଟ ଟ୍ରାଫିକ ଏନଫୋର୍ସମେଣ୍ଟ' ଚାଲାଣ ସିଷ୍ଟମ ଲାଗୁ।

✦ **ବ୍ରିକ୍ସ ଶିକ୍ଷା ସମ୍ମିଳନୀ:** ଆସନ୍ତା ଅଗଷ୍ଟ ୫ ତାରିଖରୁ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀସ୍ତରୀୟ ବୈଠକ ଆୟୋଜିତ ହେବ।

✦ **ମେଡିକାଲ ପେପର ଲିକ୍ ତଦନ୍ତ:** ଓୟୁଏଚ୍ଏସ୍ ପିଜି ପରୀକ୍ଷା ଅନିୟମିତତାର ତଦନ୍ତ ପାଇଁ ସରକାର ୩ ଜଣିଆ କମିଟି ଗଠନ କରିଛନ୍ତି।

✦ **ରଥଯାତ୍ରା ଭିଡିଓ ବିବାଦ:** ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ଉପରକୁ ବେଆଇନ ଭାବେ ଚଢ଼ିବା ସହ ଭିଡିଓ ଭାଇରାଲ କରିବା ନେଇ ପୋଲିସରେ ଅଭିଯୋଗ

✦ **ଡକ୍ଟରେଟ୍ ଉପାଧି:** କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ୭୫ତମ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି।

✦ **ପ୍ରଧାନମନ୍ତ୍ରୀଙ୍କ କ୍ଷମା ବାର୍ତ୍ତା:** ଜନ୍ତରମନ୍ତର ଆନ୍ଦୋଳନରେ ତାଙ୍କୁ ଗାଳିଗୁଲଜ କରିଥିବା ପିଲାମାନଙ୍କୁ ସେ କ୍ଷମା କରିଛନ୍ତି ଏବଂ ସେମାନଙ୍କୁ ସଠିକ୍ ମାର୍ଗ ଦେଖାଇବାକୁ କହିଛନ୍ତି।

✦ **ପରୀକ୍ଷା ବିଲ୍‌କୁ ମଞ୍ଜୁରୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରୀକ୍ଷାରେ କଦାଚାର ରୋକିବା ପାଇଁ ମଞ୍ଜୁରୀ ଦେଇଛନ୍ତି।

✦ **ପିଏମ୍-କିଶାନ ଯୋଜନା ଅବଧି ବୃଦ୍ଧି:** କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ଆଗାମୀ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି।

✦ **ସମୁଦ୍ର ମନ୍ଥନ ଯୋଜନା:** କେନ୍ଦ୍ର ସରକାର ୮୪,୦୮୪ କୋଟି ଟଙ୍କାର 'ସମୁଦ୍ର ମନ୍ଥନ' ଯୋଜନାକୁ ଅନୁମୋଦନ କରିଛନ୍ତି, ଯାହା ଦେଶର ତୈଳ ଓ ଗ୍ୟାସ୍ ଉତ୍ପାଦନ ବଢ଼ାଇବ।

✦ **ସେନା ପାଇଁ ସ୍ୱତନ୍ତ୍ର ଡିଜେଲ:** ଭାରତୀୟ ସେନା ମୁଖ୍ୟ ଜେନେରାଲ ଧୀରଜ ସେଠ୍ ମାଇନସ୍ ଡିଗ୍ରୀ ତାପମାତ୍ରା ପାଇଁ 'ଏକ୍ସଟ୍ରିମ୍ ୱେଦର ଗ୍ରେଡ୍ ଡିଜେଲ' ଲଞ୍ଚ କରିଛନ୍ତି।

✦ **ଆଇଟିଆର୍ ଦାଖଲ ରେକର୍ଡ:** ଆୟକର ରିଟର୍ଣ୍ଣ ଦାଖଲର ଶେଷ ତାରିଖ ଜୁଲାଇ ୩୧ ସୁଦ୍ଧା ୫.୫ କୋଟିରୁ ଅଧିକ ଆଇଟିଆର୍ ଦାଖଲ ହୋଇଛି।

✦ **କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ:** ଦକ୍ଷିଣ କାଶ୍ମୀରରେ ଆତଙ୍କବାଦୀଙ୍କ ଗୁଳିରେ ଛତିଶଗଡ଼ର ଜଣେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଏବଂ ଜଣେ ଆହତ।

**ଗ୍ଲାସଗୋରେ ଭାରତୀୟ ଜଲୱା !**

# ପ୍ରଦର୍ଶିତ ହେବ ଭାରତୀୟ ସଂସ୍କୃତିର ଝଲକ

## ଉଦ୍‌ଯାପନୀ ଉତ୍ସବରେ ନୃତ୍ୟ କରିବେ ମାନୁଷୀ, ସଙ୍ଗୀତ ଗାଇବେ ଶଙ୍କର ମହାଦେବନ



ଗୁଜୁରାଟ,୦୧/୦୮ : ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଯାପନ ଉତ୍ସବ ଆସନ୍ତା ଅଗଷ୍ଟ ୨ ତାରିଖରେ ଗ୍ଲାସଗୋର ପ୍ରସିଦ୍ଧ ଓଭିଓ ହାଇଡ୍ରୋ ଇନଡୋର ଆରେନାରେ ଅନୁଷ୍ଠିତ ହେବ। ଏହି ଉତ୍ସବଟି ଭାରତ ପାଇଁ ଅତ୍ୟନ୍ତ ଗୌରବର ବିଷୟ, କାରଣ ଏହି ଅବସରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପତାକା ଆନୁଷ୍ଠାନିକ ଭାବେ ଭାରତକୁ ହସ୍ତାନ୍ତର କରାଯିବ, ଯିଏ କି ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକ (ଅହମ୍ମଦାବାଦ, ଗୁଜରାଟ) ହେବାକୁ ଯାଉଛି। ୩ଟି ପ୍ରମୁଖ ପର୍ଯ୍ୟାୟରେ ଭାରତୀୟ ଜଲୱା ପ୍ରଦର୍ଶିତ କରାଯିବ । ପତାକା ହସ୍ତାନ୍ତର ସମୟରେ ଭାରତର ସଂସ୍କୃତି ଓ ପରମ୍ପରାକୁ ନେଇ ଏକ ଭବ୍ୟ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପୂର୍ବତନ ମିସ୍ ୱାର୍ଲଡ୍ ତଥା ଅଭିନେତ୍ରୀ ମାନୁଷୀ ଚିଲ୍ଲର ଏକ ଦମଦାର ନୃତ୍ୟ ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ସେ ଏକମାତ୍ର ଭାରତୀୟ ଅଭିନେତ୍ରୀ। ଭାରତୀୟ ସେତାର ବାଦକ ରିଷଭ ରିଖିରାମ ଶର୍ମା ଏବଂ ସ୍କଟଲାଣ୍ଡର ପ୍ରସିଦ୍ଧ ପାଇପର୍ ରସ୍ ଆଇନସଲିଙ୍କ ମଧ୍ୟରେ ଏକ ଅପୂର୍ବ ସଙ୍ଗୀତ ଯୁଗଳବନ୍ଦୀ ଦେଖିବାକୁ ମିଳିବ, ଯାହା ଗ୍ଲାସଗୋ ୨୦୨୬ରୁ ଅହମ୍ମଦାବାଦ ୨୦୩୦ର ଯାତ୍ରାକୁ ସୂଚାଇବ। ଶେଷରେ ୨୦୩୦ର ଆୟୋଜକ ରାଜ୍ୟ ଗୁଜରାଟର ସାଂସ୍କୃତିକ ଝଲକ ପ୍ରଦର୍ଶିତ ହେବ। ପ୍ରସିଦ୍ଧ ଗାୟକ ଶଙ୍କର ମହାଦେବନ, ତାଙ୍କ ଦୁଇ ପୁଅ (ସିଦ୍ଧାର୍ଥ ଓ ଶିବମ୍) ଏବଂ ଗୁଜରାଟର ଲୋକପ୍ରିୟ ଗାୟିକା ଭୂମି ତ୍ରିବେଦୀ ନିଜର ସଙ୍ଗୀତରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବେ। ଏହା ସହିତ ଅଭିନେତ୍ରୀ ରଶ୍ମିକା ମନ୍ଦାନା ମଧ୍ୟ ଏହି ମଞ୍ଚରେ ସାମିଲ ହେବାର ସୂଚନା ରହିଛି। ଗ୍ଲାସଗୋର ସ୍ଥାନୀୟ ତଥା ବିଶ୍ୱପ୍ରସିଦ୍ଧ ରକ୍ ବ୍ୟାଣ୍ଡ 'ସିମ୍ପଲ ମାଇଣ୍ଡସ୍' ଏହି ଉତ୍ସବର ମୁଖ୍ୟ ଆକର୍ଷଣ ସାଜି ସଙ୍ଗୀତ ପରିବେଷଣ କରିବେ। ଅଷ୍ଟ୍ରେଲିଆର ପ୍ରସିଦ୍ଧ ଗାୟିକା ଡେଲଟା ଗୁଡ୍ରେମ ସ୍କଟଲ୍ୟାଣ୍ଡ ପ୍ରତି ସମ୍ମାନ ଜଣାଇ ସଙ୍ଗୀତ ଗାନ କରିବେ। ସ୍କଟିଶ କଳାକାର କାମି ବାର୍ନସ, ସାଣ୍ଡି ଥମ୍, ବିଇଏମଜେଡ୍ ଏବଂ ପ୍ରସିଦ୍ଧ ଡାନ୍ସ ଗ୍ରୁପ୍ 'ଡାଇଭର୍ସିଟି' ମଧ୍ୟ ନିଜର ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମଟି ଦୀର୍ଘ ୧୦ ଦିନ ଧରି ଚାଲିଥିବା ଏହି ବୃହତ କ୍ରୀଡ଼ା ମହାକୁମ୍ଭର ସଫଳ ସମାପ୍ତି ଘଟାଇବ, ଯେଉଁଥିରେ ୭୪ଟି ଦେଶର ପ୍ରାୟ ୩,୦୦୦ରୁ ଅଧିକ ଆଥଲେଟ୍ ଭାଗ ନେଇଛନ୍ତି।

## ଆନ୍ତର୍ଜାତୀୟ କ୍ରିକେଟରୁ ଅଜିଙ୍କ୍ୟ ରହାନେଙ୍କ ସନ୍ୟାସ




ନୂଆଦିଲ୍ଲୀ,୦୧/୦୮ : ଭାରତୀୟ କ୍ରିକେଟ ଦଳର ଅଭିଜ୍ଞ ବ୍ୟାଟର ତଥା ପୂର୍ବତନ ଟେଷ୍ଟ ଉପ-ଅଧିନାୟକ ଅଜିଙ୍କ୍ୟ ରହାନେ ଆନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୩୮ ବର୍ଷୀୟ ରହାନେ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭାବୁକ ପୋଷ୍ଟ ଶେୟାର କରି ନିଜର ୧୫ ବର୍ଷର ଆନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରର ସମାପ୍ତି ବିଷୟରେ ଜଣାଇଛନ୍ତି। ୨୦୨୦-୨୧ରେ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରହାନେଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ତାରି ଗଡ଼ 'ଗାବା'ରେ ହରାଇ ଐତିହାସିକ ଟେଷ୍ଟ ସିରିଜ୍ ଜିତିଥିଲା। ଅଧିନାୟକ ଭାବେ ସେ ମେଲବୋର୍ଣ୍ଣ ଟେଷ୍ଟରେ ମାରିଥିବା ୧୧୨ ରନ୍‌ର ଶତକୀୟ ପାଳି ତାଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। କ୍ରିକେଟର ମକ୍କା କୁହାଯାଉଥିବା ଲର୍ଡସ ମୈଦାନରେ ମଧ୍ୟ ରହାନେ ଏକ ସ୍ମରଣୀୟ ଶତକ ହାସଲ କରି ଭାରତକୁ ଜିତାଇଥିଲେ। ଭାରତୀୟ କପ୍ତାନ ରୋହିତ ଶର୍ମା ଲେଖିଛନ୍ତି, "ଆମେ ଅନେକ ବର୍ଷ ଧରି ଡ୍ରେସିଂ ରୁମ୍ ଶେୟାର କରିଛୁ ଏବଂ ଅନେକ ମ୍ୟାଚ୍ ବିଜୟୀ ଭାଗିଦାରୀ କରିଛୁ। ତୁମର ଅବଦାନ ଭାରତୀୟ କ୍ରିକେଟ୍ ସର୍ବଦା ମନେ ରଖିବ।" ପୂର୍ବତନ ଅଧିନାୟକ ବିରାଟ କୋହଲି ରହାନେଙ୍କୁ ଜଣେ 'ପରଫେକ୍ଟ ଟିମ୍ ମ୍ୟାନ୍' ଏବଂ ସଙ୍କଟ ସମୟର ସାରଥୀ ଭାବେ ବର୍ଣ୍ଣନା କରି ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଖେଳରେ ଗେରୁଆ ରାଜନୀତି

**ବିଜେପି-ବିଜେଡି ମୁହାଁମୁହିଁ**

## ଖେଳାଳିଙ୍କ ଦରକାର ନା ସରକାରଙ୍କ ଚାପ ?




ଭୁବନେଶ୍ୱର,୦୧/୦୮ (ଜେଏନ୍ଏସ୍) : ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପାରମ୍ପରିକ 'ନୀଳ' ଜର୍ସି ବଦଳରେ 'ଗେରୁଆ' ଜର୍ସି କରାଯିବାକୁ ନେଇ କ୍ରୀଡ଼ା ଜଗତ ଏବଂ ଓଡ଼ିଶା ରାଜନୀତିରେ ଏକ ବଡ଼ ବିବାଦ ମୁଣ୍ଡ ଟେକିଛି. ୨୦୨୬ ଅଗଷ୍ଟରେ ନେଦରଲ୍ୟାଣ୍ଡ ଏବଂ ବେଲଜିୟମରେ ଅନୁଷ୍ଠିତ ହେବାକୁ ଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ ପାଇଁ ହକି ଇଣ୍ଡିଆ ପକ୍ଷରୁ ଏହି ନୂଆ ଜର୍ସି ଉନ୍ମୋଚନ କରାଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ କଡ଼ା ଭାବେ ନିନ୍ଦା କରି କହିଛନ୍ତି ଯେ "ଭାରତୀୟ ହକିର ପରିଚୟ ନୀଳ ରଙ୍ଗ ସହ ଜଡ଼ିତ । ଆର୍ଜେଣ୍ଟିନାର ଫୁଟବଲ୍ ଜର୍ସି କିମ୍ବା ବ୍ରାଜିଲର ହଳଦିଆ ଜର୍ସି ଭଳି ଭାରତର ନୀଳ ଜର୍ସି ଜନସାଧାରଣଙ୍କ ଏକ ଆବେଗ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ ରାଜ୍ୟର ବିଭିନ୍ନ ବସ, ବ୍ରିଜ୍ ଏବଂ ସରକାରୀ କୋଠାର ରଙ୍ଗ ବଦଳାଯାଉଛି ଏବଂ ସରକାରଙ୍କ ଚାପରେ ହିଁ ହକି ଇଣ୍ଡିଆ ଏହି ନିଷ୍ପତ୍ତି ନେଇଛି ବୋଲି ନବୀନ ଅଭିଯୋଗ କରିଛନ୍ତି । ଏହାକୁ ସେ "ନିକୃଷ୍ଟ ସ୍ତରର ରାଜନୀତି" ବୋଲି ଆଖ୍ୟା ଦେଇଛନ୍ତି । ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରେନ ରସକିନ୍ହା ଏହି ପରିବର୍ତ୍ତନକୁ "ଲଜ୍ଜାଜନକ" ବୋଲି କହିବା ସହ ପ୍ରଶ୍ନ କରିଛନ୍ତି ଯେ "ଏହି କମଳା ରଙ୍ଗ ପଛରେ ଯୁକ୍ତି କଣ ?" । ହକି ଇଣ୍ଡିଆ ଏହି ପରିବର୍ତ୍ତନକୁ ରକ୍ଷା କରି କହିଛି ଯେ ବର୍ତ୍ତମାନ ଆନ୍ତର୍ଜାତୀୟ ସ୍ତରରେ ନୀଳ ରଙ୍ଗର କୃତ୍ରିମ ଟର୍ଫ ବ୍ୟବହାର କରାଯାଉଛି । ନୀଳ ଜର୍ସି ପିନ୍ଧିଲେ ଖେଳାଳିମାନେ ଟର୍ଫ ସହ ମିଶିଯାଉଥିବାରୁ ପରସ୍ପରକୁ ସଠିକ୍ ଭାବେ ଦେଖିବାରେ ଅସୁବିଧା ହେଉଥିଲା । କୋଚ୍ ଏବଂ ଖେଳାଳିମାନଙ୍କ ଅନୁରୋଧ କ୍ରମେ ହଳଦିଆ କିମ୍ବା ଗେରୁଆ ରଙ୍ଗ ମଧ୍ୟରୁ ଗେରୁଆକୁ ଚୟନ କରାଯାଇଛି । ବର୍ତ୍ତମାନର ଅଧିନାୟକ ହରମନପ୍ରୀତ ସିଂ ଏବଂ ପୂର୍ବତନ ଗୋଲକିପର ପି.ଆର. ଶ୍ରୀଜେଶ ମଧ୍ୟ ଏହି ଥନୂଆ ଜର୍ସିକୁ ସମର୍ଥନ କରିଛନ୍ତି । ଏହି ନୂଆ ଜର୍ସିରେ କେବଳ ଗେରୁଆ ରଙ୍ଗ ନାହିଁ, ବରଂ ଏଥିରେ ଜାତୀୟ ପତକାର ତିନି ରଙ୍ଗର ବର୍ଡର, ଅଶୋକ ଚକ୍ରରୁ ପ୍ରେରିତ ଗାଢ଼ ନୀଳ ରଙ୍ଗର ଡିଜାଇନ ଏବଂ ଛାତି ଉପରେ ସୁଦର୍ଶନ ଚକ୍ରର ଚିତ୍ର ରହିଛି. ଏହା ସହିତ ସାମ୍ନାରେ ଦେବନାଗରୀ ସ୍କ୍ରିପ୍ଟରେ 'ଇଣ୍ଡିଆ ଲେଖାଯାଇଛି । ହକି ଇଣ୍ଡିଆ ପ୍ରକାଶ କରିଛି ଯେ ଜର୍ସି ରଙ୍ଗ ପରିବର୍ତ୍ତନ ଏହା ପ୍ରଥମ ନୁହେଁ । ପୂର୍ବରୁ ୨୦୧୪ ବିଶ୍ୱକପ୍‌ରେ ହଳଦିଆ ଏବଂ ୨୦୧୮ ବିଶ୍ୱକପ୍‌ରେ ଆକାଶୀ ନୀଳ ରଙ୍ଗର ଜର୍ସି ବ୍ୟବହାର କରାଯାଇ ସାରିଛି ।

ଭାରତୀୟ ହକି ଦଳର ଜର୍ସି ରଙ୍ଗ ପରିବର୍ତ୍ତନକୁ ନେଇ ଓଡ଼ିଶାରେ ବିଜେପି ଏବଂ ବିଜେଡି ମଧ୍ୟରେ ରାଜନୈତିକ ଯୁଦ୍ଧ ଆହୁରି ତୀବ୍ର ହୋଇଛି । ଉଭୟ ଦଳ ପରସ୍ପର ଉପରେ ଗୁରୁତର ଆରୋପ ପ୍ରତ୍ୟାରୋପ ଲଗାଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ବିଜେପି ନିଜର ଦଳୀୟ ଏଜେଣ୍ଡାକୁ ଜନସାଧାରଣ ଓ ଖେଳ ଉପରେ ଜୋର ଜବରଦସ୍ତ ଲଦି ଦେଉଛି । ଜାତୀୟ ଦଳର ପରିଚୟକୁ ଏଭଳି ବଦଳାଇବା ନିନ୍ଦନୀୟ। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ଯେ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ପ୍ରଥମେ 'ଲକ୍ଷ୍ମୀ ବସ୍'ର ରଙ୍ଗ ସବୁଜରୁ ଗେରୁଆ କରାଗଲା । ଏବେ କ୍ରୀଡ଼ା କ୍ଷେତ୍ରକୁ ମଧ୍ୟ ନିଜ ରଙ୍ଗରେ ରଙ୍ଗେଇବାକୁ ବିଜେପି ଚେଷ୍ଟା କରୁଛି। ବିଜେଡି ଦାବି କରିଛି ଯେ ଓଡ଼ିଶା ଦୀର୍ଘ ବର୍ଷ ଧରି ଭାରତୀୟ ହକିର ମୁଖ୍ୟ ପ୍ରାୟୋଜକ ରହି ଆସିଛି। ଏଭଳି ସ୍ଥିତିରେ ରାଜ୍ୟ କିମ୍ବା କ୍ରୀଡ଼ାପ୍ରେମୀଙ୍କ ସହ ଆଲୋଚନା ନକରି ଏହି ନିଷ୍ପତ୍ତି ନିଆଯାଇଛି । ବିଜେପି ନେତା ଓ ମନ୍ତ୍ରୀମାନେ ବିଜେଡିର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେମାନେ କହିଛନ୍ତି ଯେ ଏହା ସରକାରଙ୍କ ନିଷ୍ପତ୍ତି ନୁହେଁ, ବରଂ ହକି ଇଣ୍ଡିଆର ଏକ ସ୍ୱାଧୀନ କ୍ରୀଡ଼ାଭିତ୍ତିକ ନିଷ୍ପତ୍ତି । ବିଜେପି ମୁଖପାତ୍ର କହିଛନ୍ତି ଯେ 'ଗେରୁଆ' କୌଣସି ଦଳର ରଙ୍ଗ ନୁହେଁ, ଏହା ଆମ ଜାତୀୟ ପତକାର ମୁଖ୍ୟ ରଙ୍ଗ। ଏହା ଶୌର୍ଯ୍ୟ ଓ ତ୍ୟାଗର ପ୍ରତୀକ । ବିଜେଡି ଜାତୀୟ ପତକାର ରଙ୍ଗକୁ ବିରୋଧ କରି ନିଜର ମାନସିକତା ପ୍ରଦର୍ଶନ କରୁଛି । ବିଜେପି ଓଲଟା ଅଭିଯୋଗ କରିଛି ଯେ ଗତ ୨୪ ବର୍ଷର ଶାସନ କାଳରେ ବିଜେଡି ଓଡ଼ିଶାର ସବୁ ସରକାରୀ ଯୋଜନା, କୋଠାବାଡ଼ି ଏବଂ ପୋଷ୍ଟରରେ ନିଜ ଦଳର 'ସବୁଜ' ରଙ୍ଗ ବ୍ୟବହାର କରୁଥିଲା। ସେତେବେଳେ ସେମାନଙ୍କୁ ରାଜନୀତି ଦେଖା ଯାଉନଥିଲା କି ବୋଲି ବିଜେପି ପ୍ରଶ୍ନ କରିଛି । ଏହି ବିବାଦ ବର୍ତ୍ତମାନ କେବଳ ଓଡ଼ିଶାରେ ସୀମିତ ନାହିଁ, ବରଂ ଜାତୀୟ ସ୍ତରର ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡିଆରେ ମଧ୍ୟ ପ୍ରଶଂସକମାନେ ଉଭୟ ନୀଳ ଓ ଗେରୁଆ ଜର୍ସିକୁ ନେଇ ଦୁଇ ଭାଗରେ ବିଭକ୍ତ ହୋଇଯାଇଛନ୍ତି।

## ଭାରତକୁ ମିଳିଲା ଦୁଇ ପଦକ ଫାଇନାଲ୍‌ରେ ନୀରଜ

ନୂଆଦିଲ୍ଲୀ,୦୧/୦୮ : ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଭାରତ ପାଇଁ ଦୁଇଟି ବଡ଼ ଏବଂ ଆନନ୍ଦଦାୟକ ଖବର ସାମ୍ନାକୁ ଆସିଛି। ଭାରତର 'ଗୋଲ୍ଡେନ୍ ବୟ' ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋର ଫାଇନାଲ୍‌ରେ ପ୍ରବେଶ କରିଥିବା ବେଳେ ଭାରୋତ୍ତୋଳନରେ ଲଭପ୍ରୀତ ସିଂ ଦେଶ ପାଇଁ ରୌପ୍ୟ ପଦକ ଜିତିଛନ୍ତି । ଗ୍ଲାସଗୋ ଷ୍ଟାଡିୟମରେ ପ୍ରତିକୂଳ ଏବଂ ଜୋରଦାର ପବନ ଚାଲିଥିବା ସତ୍ତ୍ୱେ ନୀରଜ ଚୋପ୍ରା ନିଜର ପ୍ରଥମ ପ୍ରୟାସରେ ହିଁ ୮୩.୪୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ସହଜରେ ଫାଇନାଲ୍ ଟିକେଟ୍ ହାସଲ କରିଛନ୍ତି । ସେ କ୍ୱାଲିଫାଇଙ୍ଗ ରାଉଣ୍ଡର ଗ୍ରୁପ୍-ଏ'ରେ ଶୀର୍ଷରେ ରହିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଁ ତାଙ୍କର ମୁଖ୍ୟ ମ୍ୟାଚ୍ ଆସନ୍ତା ରବିବାର (ଅଗଷ୍ଟ ୨) ଭାରତୀୟ ସମୟ ରାତି ୧୧ ଟା ୩୦ ରେ ଅନୁଷ୍ଠିତ ହେବ।

## ମୁମ୍ବାଇରେ ଓଡ଼ିଆ ସିନେମାର ଜୟଯାତ୍ରା

### ପ୍ରକୃତି-ଦ୍ୱିପନ୍ୱିତଙ୍କ 'ବିନ୍ଦୁସାଗର' ଦେଖି ମନ୍ତ୍ରମୁଗ୍ଧ ହେଲେ ବିଦେଶୀ ଦର୍ଶକ

ମୁମ୍ବାଇ, ୦୧/୦୮ :ଚଳଚ୍ଚିତ୍ର ମହୋତ୍ସବ ଗୁଡ଼ିକରେ 'ବିନ୍ଦୁସାଗର' ଏବଂ 'ପୁୟୋଦକମ୍' ଭଳି ଓଡ଼ିଆ ସିନେମାର ସଫଳତା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଏହି ଦୁଇଟି ଚଳଚ୍ଚିତ୍ର ନିଜର ଶକ୍ତ କାହାଣୀ ଏବଂ ଉଚ୍ଚକୋଟୀର ନିର୍ମାଣ ଶୈଳୀ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ହେଉଛନ୍ତି। ଭାରତର ସବୁଠାରୁ ବଡ଼ ଚଳଚ୍ଚିତ୍ର ମହୋତ୍ସବ ୫୬ତମ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆର ପ୍ରତିଷ୍ଠିତ 'ଗାଲା ପ୍ରେଜେଣ୍ଟେସନ' ବର୍ଗରେ ଏହି ଚଳଚ୍ଚିତ୍ରର ୱାର୍ଲ୍ଡ ପ୍ରେମିୟର ହୋଇଥିଲା। ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଏକ ଭାବପୂର୍ଣ୍ଣ ମ୍ୟୁଜିକାଲ୍ ରୋମାନ୍ସ ଡ୍ରାମା, ଯାହା ଭୁବନେଶ୍ୱରର ସଂସ୍କୃତି, ବିନ୍ଦୁସାଗରର ଘାଟ ଏବଂ ମାନବୀୟ ସମ୍ପର୍କର କାହାଣୀକୁ ଦେଖାଇ ବିଦେଶୀ ଦର୍ଶକଙ୍କୁ ମଧ୍ୟ ମନ୍ତ୍ରମୁଗ୍ଧ କରିଛି। ଜାତୀୟ ପୁରସ୍କାର ବିଜେତା ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାଶମହାପାତ୍ରଙ୍କ ଅଭିନୟକୁ ବିଭିନ୍ନ ଫୋରମରେ ଉଚ୍ଚ ପ୍ରଶଂସା ମିଳିଛି। ଏହାପରେ ଏହି ଫିଲ୍ମଟି ଏପ୍ରିଲ୍ ୨୦୨୬ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିଥିଲା। ସିବା ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ସାଇକୋଲୋଜିକାଲ୍ ଥ୍ରିଲର-ଡ୍ରାମାଟି ବିଶ୍ୱର ସବୁଠାରୁ ବଡ଼ ଟ୍ରାଭେଲିଂ ଚଳଚ୍ଚିତ୍ର ମହୋତ୍ସବ 'ଜାଗରଣ ଫିଲ୍ମ ଫେଷ୍ଟିଭାଲ୍', ମୁମ୍ବାଇ ପାଇଁ ମନୋନୀତ ହୋଇ ଚର୍ଚ୍ଚା ସାଉଁଟିଥିଲା। ଗ୍ରାମୀଣ ଓଡ଼ିଶାର ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଜୀବନ, ମାନସିକ ଆଘାତ ଏବଂ ନାରୀ ଶକ୍ତିର ଜାଗରଣ ଉପରେ ଆଧାରିତ ଏହି କାହାଣୀ ସମୀକ୍ଷକମାନଙ୍କୁ ବେଶ୍ ପ୍ରଭାବିତ କରିଛି। ଏଥିରେ ଗୁଞ୍ଜନ୍ ଏବଂ ଅଭିଷେକ ଗିରିଙ୍କ ଦମଦାର ଅଭିନୟ ଏବଂ ଭିନ୍ନ ସ୍ୱାଦର ମେକିଂ ଶୈଳୀ ଚଳଚ୍ଚିତ୍ର ମହୋତ୍ସବଗୁଡ଼ିକରେ ଓଡ଼ିଆ କଳା-ସିନେମାର ମାନକୁ ଆହୁରି ଉପରକୁ ନେଇଛି। ଏହି ଦୁଇଟି ଚଳଚ୍ଚିତ୍ର ପ୍ରମାଣ କରିଛନ୍ତି ଯେ ଓଡ଼ିଆ ସିନେମା କେବଳ ବାଣିଜ୍ୟକ) ମନୋରଞ୍ଜନରେ ସୀମିତ ନୁହେଁ, ବରଂ ଏହା ବିଶ୍ୱ ସ୍ତରୀୟ 'କଣ୍ଟେଣ୍ଟ-ଡ୍ରିଭେନ୍' ସିନେମା ପ୍ରସ୍ତୁତ କରିବାରେ ସମ୍ପୂର୍ଣ୍ଣ ସକ୍ଷମ।


**ADVERTISEMENT TARIFF**

| | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |


**'କଥା ସ୍ୱାଭିମାନର ବିଚାର ଆପଣଙ୍କର'**

# ବୃଥା ଯାଏନି ସଂଗ୍ରାମ




ସାରଦା ପ୍ରସନ୍ନ ସ୍ୱାଇଁ

ସାଧାରଣ ସମ୍ପାଦକ

ଜନ ଜାଗରଣ


୨୦ ତାରିଖରେ ପୂର୍ବରୁ ସ୍ଥିର ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ପୂର୍ବପ୍ରଦତ୍ତ ସମ୍ମତି ମୋତେ ସେଠାରେ ଦିନସାରା ରହିବାକୁ ପଡ଼ିଲା । କିନ୍ତୁ ମୋର ହୃଦୟ, ମୋର ମନ ଓ ସମଗ୍ର ଚେତନା ଦିଲ୍ଲୀର ଜନ୍ତର ମନ୍ତର ଠାରେ ଆୟୋଜିତ ଯୁବା, ଯୁବତୀ, ଛାତ୍ର ଓ ଛାତ୍ରୀଙ୍କ ବିଶାଳ ଐତିହାସିକ ସଂସଦ ମାର୍ଚ୍ଚ, ସମାବେଶ, ସହ ଏକାମ୍ ହୋଇ ରହିଥିଲା । ଶିକ୍ଷା ବ୍ୟବସ୍ଥାରେ ବ୍ୟାପ୍ତ ଦୁର୍ନୀତି ବିରୋଧରେ ଆରମ୍ଭ ହୋଇଥିବା ଏହି ପ୍ରତିବାଦ କେବଳ ସେତିକିରେ ସୀମିତ ନଥିଲା, ଏହା ମୋର ଦୃଷ୍ଟିରେ ଭାଜପା-ଆର୍ଏସ୍ଏସ୍‌ର ଫାସିବାଦୀ ନୀତି ବିରୋଧରେ ଜନଆକ୍ରୋଶର ଏକ ସଶକ୍ତ ପ୍ରକାଶ ଥିଲା ।

ଦିଲ୍ଲୀ ଯିବାର କୌଣସି ଯୋଜନା ଶେଷ ପର୍ଯ୍ୟନ୍ତ ସମ୍ଭବ ହୋଇପାରିଲା ନାହିଁ । ସ୍ଥାନୀୟ ସ୍ତରରେ ମଧ୍ୟ ଏହାର ସମର୍ଥନରେ ନିଜେ କିଛି କରିପାରୁନଥିବା କିମ୍ବା ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇପାରୁନଥିବା କାରଣରୁ ଦୁଇଦିନ ଧରି ମନ ଅଶାନ୍ତ ଓ ବିଚଳିତ ରହିଥିଲା । ଲାଗୁଥିଲା, ଯେପରି ଏକ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବାର ସୁଯୋଗ ହାତଛଡ଼ା ହୋଇଯାଇଛି । ଯାହାହେଉ, ଜନ୍ତର ମନ୍ତରର କାର୍ଯ୍ୟକ୍ରମ ଯେଉଁଳି ସଫଳ ହେବା ଉଚିତ୍ ବୋଲି ଆଶା କରାଯାଉଥିଲା, ବାସ୍ତବରେ ତାହାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇଥିବା ଜାଣି ଆଶ୍ୱସ୍ତି ମିଳିଲା । ଫାସିବାଦୀ ଶକ୍ତି ବିରୋଧରେ ଏହା ଏକ ପ୍ରଚଣ୍ଡ ପ୍ରହାର ଥିଲା । ତଥାପି ସେହି ଐତିହାସିକ ମୁହୂର୍ତ୍ତରେ ନିଜର ପ୍ରତ୍ୟକ୍ଷ ଉପସ୍ଥିତି ନଥିବାର ବେଦନା ମନକୁ ଅସହଜ କରି ରଖିଛି ।

ଦିଲ୍ଲୀର ଘଟଣାବଳୀ ସମ୍ପର୍କରେ କିଛି ସାଥୀଙ୍କ ଫେସବୁକ ପୋଷ୍ଟ ଏବଂ ଅନ୍ୟାନ୍ୟ ସୂତ୍ରରୁ ସୂଚନା ମିଳୁଥିଲା । କିନ୍ତୁ ବେଳେବେଳେ ଲାଗୁଥିଲା, କାଳେ ଭାବାବେଗ ତଥ୍ୟଠାରୁ ଅଧିକ ପ୍ରବଳ ହୋଇପଡ଼ିଛି । କିନ୍ତୁ ଓଡ଼ିଶାର ଏକ ପ୍ରମୁଖ ଦୈନିକ ଖବରକାଗଜର ମୁଖ୍ୟ ପୃଷ୍ଠାରେ ଏହି ଖବର ପ୍ରକାଶିତ ହୋଇଛି ସତ କିନ୍ତୁ ଯେଉଁଳି ଏହାକୁ ଗୁରୁତ୍ୱହୀନ କରି ଉପସ୍ଥାପନା କରାଯାଇଛି, ତାହା ଆଉ ଏକ ସଙ୍କେତ ହୋଇ ଆସିଲା, ଯେତେବେଳେ ସତ୍ତାର ନିକଟବର୍ତ୍ତୀ ଗଣମାଧ୍ୟମ ଘଟଣାକୁ ଛୋଟ କରି ଦେଖେଇବାର ଚେଷ୍ଟା କରେ , ସେତେବେଳେ ସେହି ଘଟଣାର ଐତିହାସିକ ତାତ୍ପର୍ଯ୍ୟ ଆହୁରି ସ୍ୱଷ୍ଟ ହୋଇ ପଡେ ।

ଜନ୍ତରମନ୍ତର ଐତିହାସିକ ସମାବେଶ ଏବଂ ଏହାର ସମର୍ଥନରେ ଦେଶର ବିଭିନ୍ନ ପ୍ରାନ୍ତରେ ସଙ୍ଗଠିତ ପ୍ରତିବାଦ ଏକଥା ସୂଚିତ କରୁଛି ଯେ, ଗଣତନ୍ତ୍ରର ପ୍ରକୃତ ଶକ୍ତି ଜନତାଙ୍କ ସ୍ୱର ଏବଂ ସଙ୍ଗଠିତ ପ୍ରତିରୋଧରେ ନିହିତ ଥାଏ । ରାଜ୍ୟ ଯେତେବେଳେ କର୍ପୋରେଟ ସ୍ୱାର୍ଥ, ସାମ୍ପ୍ରଦାୟିକ ବିଭାଜନ ଓ କେନ୍ଦ୍ରୀଭୂତ କ୍ଷମତାର ଅପବ୍ୟବହାର ପଥରେ ଅଗ୍ରସର ହୁଏ , ସେତେବେଳେ ଇତିହାସ ନୂଆଶକ୍ତିର ସନ୍ଧାନ କରେ । ସେହି ଶକ୍ତିର ନାମ ହେଉଛି ସଙ୍ଗଠିତ ଜନତା, ସଂଘର୍ଷଶୀଳ ଯୁବ ସମାଜ ଏବଂ ପ୍ରଗତିଶୀଳ ଗଣତାନ୍ତ୍ରିକ ଚେତନା । ବିଶ୍ୱାସ ଯେ,୨୦ ଜୁଲାଇ ୨୦୨୬ ଭାରତର ଗଣତାନ୍ତ୍ରିକ ସଂଘର୍ଷର ଇତିହାସରେ ଏକ ସ୍ମରଣୀୟ ଦିନ ଭାବେ ଲିପିବଦ୍ଧ ହୋଇରହିବ । ବହୁ ପ୍ରଚାରିତ 'ବିଶ୍ୱଗୁରୁ'ର ନିର୍ମିତ ଛବିକୁ ଦେଶର ଯୁବପିଢ଼ି ଏହି ଦିନ ଉଜାଗର କରିବାରେ ସାହସିକ ଭୂମିକା ଗ୍ରହଣ କରିଛନ୍ତି । ଏହା ସହିତ, ମୋଦୀ-ଶାହା ନେତୃତ୍ୱାଧୀନ ଶାସନ ବ୍ୟବସ୍ଥାର ଗର୍ବ ଓ ଅହଙ୍କାରକୁ ମଧ୍ୟ ଏହି ଜନଆନ୍ଦୋଳନ ଏକ ଶକ୍ତ ଆହ୍ୱାନ ଜଣାଇଛି ।

ଇତିହାସର ଗତି କେବଳ କୌଣସି ସତ୍ତା ବା ସତ୍ତାଧାରୀ ବ୍ୟକ୍ତିଙ୍କ ଇଚ୍ଛାରେ ରୁକି ନାହିଁ । ତାହାକୁ ଆଗକୁ ନେଇଛି ସଂଘର୍ଷ, ପ୍ରତିରୋଧ ଓ ଜନତାଙ୍କ ସମ୍ମିଳିତ ସ୍ୱପ୍ନ । ୨୦ ଜୁଲାଇ ସେହି ସ୍ୱପ୍ନକୁ ଆଉ ଟିକିଏ ସ୍ୱଷ୍ଟ , ଆଉ ଟିକିଏ ଦୃଢ଼ ଏବଂ ଆଉ ଟିକିଏ ସମ୍ଭାବନାମୟ କରିଦେଲା । ଫାସିବାଦୀ-ସାମ୍ପ୍ରଦାୟିକ ଶକ୍ତିର ଅବସାନ ନିଶ୍ଚିତ । ଛାତ୍ର- ଛାତ୍ରୀ, ଯୁବକ-ଯୁବତୀ ଓ ଜନତାଙ୍କ ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ ପାଇଁ ଲାଠିଚାର୍ଜ ଏବଂ ଲୁହାବୁହା ଗ୍ୟାସ ପ୍ରୟୋଗ ନିନ୍ଦନୀୟ ଅଟେ।

ଏକ ଭାଇରାଲ ଭିଡିଓରେ ଜଣେ ଦିଲ୍ଲୀ ପୋଲିସ ଅଧିକାରୀ ଜଣେ ମହିଳା ପ୍ରଦର୍ଶନକାରୀଙ୍କୁ ଚାପୁଡ଼ା ମାରୁଥିବାର ଦେଖାଯାଇଛି । ୨୦ ଜୁଲାଇ ୨୦୨୬ରେ ନୂଆଦିଲ୍ଲୀରେ ଅତିରିକ୍ତ ଡେପୁଟି କମିଶନର ଅଫ୍ ପୋଲିସ ସନ୍ଦୀପ ଲାମ୍ବା ଜଣେ ମହିଳା ପ୍ରଦର୍ଶନକାରୀଙ୍କୁ ଚାପୁଡ଼ା ମାରୁଥିବାର ଫୁଟେଜକୁ ନେଇ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି ।

ଏହି ଘଟଣା କୋକରୋଚ୍ ଜନତା ପାର୍ଟିର ସଂସଦ ଚଲୋ ମାର୍ଚ୍ଚ ସମୟରେ ଘଟିଥିଲା, ଯେଉଁଠାରେ ପ୍ରଦର୍ଶନକାରୀମାନଙ୍କୁ ଦିଲ୍ଲୀ ପୋଲିସ ଏବଂ ଜଇର୍ କର୍ମଚାରୀମାନେ ନିର୍ମମ ଭାବରେ ମାଡ଼ ମାରିଥିଲେ । ସାଧାରଣ ଲୋକଙ୍କ ପ୍ରତିକ୍ରିୟା ତୁରନ୍ତ ପ୍ରକାଶ ପାଇଥିଲା । ଭିଡିଓ ଭାଇରାଲ ହେବା ମାତ୍ରେ, ସେ ଏକ ନ୍ୟୁଜ୍ ୱାୟାର ସର୍ଭିସକୁ କହିଥିଲେ, "ମୋ ଆଣ୍ଠୁରେ ଏକ ପଥର ବାଜିଥିଲା ଏବଂ ମୋର ଏକ ବଡ ଆଘାତ ଲାଗିଥିଲା ।" ତଥାପି, ଲାମ୍ବା ସିଧାସଳଖ ନିର୍ଦ୍ଦିଷ୍ଟ ଭିଡିଓକୁ ସମ୍ବୋଧିତ କରି ନାହାଁନ୍ତି । ପ୍ରମୁଖ ଜନ ପ୍ରତିବାଦ ସମୟରେ ଅଧିକାରୀଙ୍କ ଆଚରଣ ଉପରେ ସମାଲୋଚନା ତୀବ୍ର ହେବା ସତ୍ତ୍ୱେ, ଦିଲ୍ଲୀ ପୋଲିସ ଅଧିକାରୀମାନେ ମାର୍ଚ୍ଚଦାରମାନଙ୍କ ବିରୁଦ୍ଧରେ ନିଷ୍ଠୁର ଶକ୍ତି ପ୍ରୟୋଗ କରିବାର ସମସ୍ତ ଦାବିକୁ ଦୃଢ଼ ଭାବରେ ଅସ୍ୱୀକାର କରିଛନ୍ତି ।

ସନ୍ଦୀପ ଲାମ୍ବାଙ୍କୁ ଅନ୍ୟ ଅଧିକାରୀଙ୍କ ସହାୟତାରେ ଟେମ୍ପୋ ଟ୍ରକ୍ ଉପରେ ଆକ୍ରମଣ କରୁଥିବାର ମଧ୍ୟ ଦେଖାଯାଇଥିଲା, ଯେଉଁଠାରେ ଉଚିତ ପ୍ରତିଷ୍ଠାତା ଅଭିଜିତ୍ ଦୀପେ, ଗୀତାଞ୍ଜଳି ଜେ ଆଙ୍ଗମୋ, ପ୍ରକାଶ ରାଜ, ଶବାନା ଆଜମୀ ଏବଂ ଅନ୍ୟାନ୍ୟ ଉଚିତ ସମର୍ଥକମାନେ ଗାଡ଼ି ପଛରେ ଉପସ୍ଥିତ ଥିଲେ । ସେ ସିଜେପି ନେତାଙ୍କୁ ଟ୍ରକରୁ ଓହ୍ଲାଇବାକୁ ମଧ୍ୟ ଦାବି କରିଥିଲେ, ଏବଂ ଅଭିଜିତ ଦୀପ ବାହାରକୁ ଆସିବାକୁ ରାଜି ହୋଇଥିଲେ । ଗାଡିକୁ ଘେରି ରହିଥିବା ସମର୍ଥକମାନେ ତିପେଙ୍କୁ ଓହ୍ଲାଇ ନଦେବାକୁ ଅନୁରୋଧ କରିଥିଲେ, କାରଣ ସେମାନେ ସେଠାରେ ଦଙ୍ଗା ସାମଗ୍ରୀ ପିନ୍ଧି ଏବଂ ଲାଠି ଧରି ଉପସ୍ଥିତ ଦିଲ୍ଲୀ ପୋଲିସ କର୍ମଚାରୀଙ୍କ ଦ୍ୱାରା ଆକ୍ରମଣ ହେବାର ଭୟରେ ଥିଲେ ।

ରିପୋର୍ଟ ଅନୁଯାୟୀ ସନ୍ଦୀପ ଲାମ୍ବା କଥା ହେବା ପାଇଁ ମାଇକ୍ରୋଫୋନ୍ ନେଇଥିଲେ, କିନ୍ତୁ ତା'ପରେ ଜୋରଦାର ଭାବରେ ମାଇକ୍ ତାର ଚିରି ବିଚ୍ଛିନ୍ନ ଡିଭାଇସ୍ ଅନ୍ୟ ଜଣେ ଅଧିକାରୀଙ୍କୁ ଦେଇଥିଲେ, ଯାହା ଫଳରେ ସିଜେପି ନେତା ଭିଡ଼କୁ ସମ୍ବୋଧିତ କରିପାରି ନଥିଲେ । ସଂଘର୍ଷ ସମୟରେ ପୋଲିସ କର୍ମଚାରୀମାନେ ଟ୍ରକ୍ ଡ୍ରାଇଭରଙ୍କୁ ଜୋରଜବରଦସ୍ତ ବାହାର କରି ପିଟିଥିଲେ । ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ପରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ସଂସଦ ଚଲୋ ମାର୍ଚ୍ଚ ସମୟରେ ପୋଲିସ ଛାତ୍ର ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ନିର୍ମମ ବଳ ପ୍ରୟୋଗ କରିଥିଲା । ସେ ଦାବି କରିଥିଲେ ଯେ ଅନେକ ପ୍ରଦର୍ଶନକାରୀଙ୍କ ମୁଣ୍ଡରେ ଆଘାତ ଲାଗିଛି । ସେ ଏହା ମଧ୍ୟ କହିଛନ୍ତି ଯେ ଜଣେ ପୁରୁଷ ପୋଲିସ ଅଧିକାରୀ ଜଣେ ୧୫ ବର୍ଷୀୟ ଝିଅକୁ ମାଡ଼ ମାରିଥିଲେ, ଏବଂ ଆହୁରି ଅଭିଯୋଗ କରିଛନ୍ତି ଯେ ଅଧିକାରୀମାନେ ସୋନମ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋଙ୍କ କେଶ ଧରିବାକୁ ଚେଷ୍ଟା କରିଥିଲେ ଏବଂ ତାଙ୍କୁ ଏକ ଟେମ୍ପୋ ଟ୍ରକରୁ ବାହାର କରିବାକୁ ଚେଷ୍ଟା କରିଥିଲେ ।

ଯଦି ଏକ ମନ ଏକ ପ୍ରାଣ ହୋଇ ଲଢ଼େଇ କରିବା ତାହେଲେ ଆମର ବିଜୟ ହିଁ ବିକଳ୍ପ ଭାବରେ ଆମକୁ ମିଳିବ ।

ଆସନ୍ତୁ ଏକାଠି ହୋଇ ଏକ ବୈପ୍ଳବିକ ପରିବର୍ତ୍ତନ ଆହ୍ୱାନ ଦେବା ଓ "ବିପ୍ଳବ ଆଣିବା ବିକଳ୍ପ ବାଛିବା ବିକାଶ କରିବା"


Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102, Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର

Editor: Suvendu Ray Mohapatra